بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ
# ବଦର୍
Weekly
BADAR
କାଦିଆନ
Qadian
Odia

ସଂଖ୍ୟା: 18
ବାର୍ଷିକ ଦେୟ: 600/-

12 ଜୁଲ୍ କାଆଦା, 1447 ହି.କ, 30 ଶାହାଦତ୍ 1405 ହି.ଶ, 30 April 2026 ମସିହା
www.akhbarbadr.in

### ଅଲ୍ଲାଃତାଲାଙ୍କ ବାଣୀ

بَلٰی مَنۡ اَسۡلَمَ وَجۡہَہٗ لِلّٰہِ وَہُوَ مُحۡسِنٌ فَلَہٗۤ اَجۡرُہٗ عِنۡدَ رَبِّہٖ وَلَا خَوۡفٌ عَلَیۡہِمۡ وَلَا ہُمۡ یَحۡزَنُوۡنَ ۝ قُلۡ اِنَّ صَلَاتِیۡ وَنُسُکِیۡ وَمَحۡیَایَ وَمَمَاتِیۡ لِلّٰہِ رَبِّ الۡعٰلَمِیۡنَ ۝ لَا شَرِیۡکَ لَہٗ ۚ وَبِذٰلِکَ اُمِرۡتُ وَاَنَا اَوَّلُ الۡمُسۡلِمِیۡنَ ۝

(ଅଲ:113)(ଅଲ୍ ଅନଆମ୍: 163-164)

**ଅନୁବାଦ**: କୁହ ତ' ଭଲା ଅନ୍ୟ ଲୋକମାନେ ବୈକୁଣ୍ଠରେ ପ୍ରବେଶ କରିବେ ନାହିଁ କାହିଁକି ? ଯେକେହି ନିଜକୁ ସଂପୂର୍ଣ୍ଣ ରୂପେ ଅଲ୍ଲାଃଙ୍କ ନିକଟରେ ସମର୍ପଣ କରେ ଓ ସତକର୍ମ କରେ ତାହା ଲାଗି ନିଜ ପାଳନକର୍ତ୍ତାଙ୍କ ପାଖରେ ପୁରସ୍କାର ନିୟତ ଅଛି ଏବଂ ସେମାନଙ୍କର ଭବିଷ୍ୟତ ପାଇଁ କୌଣସି ଭୟ ରହିବ ନାହିଁ କି ସେମାନେ ଅତୀତର ତ୍ରୁଟି ପାଇଁ ଦୁଃଖିତ ହେବେ ନାହିଁ । ତୁମ୍ଭେ ସେମାନଙ୍କୁ କୁହ, ଆମ୍ଭର ନମାଜ୍ ଏବଂ ଆମ୍ଭର ତ୍ୟାଗ ତଥା ଆମ୍ଭର ଜୀବନ ଓ ଆମ୍ଭର ମୃତ୍ୟୁ ସମସ୍ତ ଜଗତର ପାଳନକର୍ତ୍ତା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଅଟେ ଏବଂ ତାହାଙ୍କର କୌଣସି ସମକକ୍ଷ ନାହାନ୍ତି ଏବଂ ଆମ୍ଭଙ୍କୁ ଏ ବିଷୟରେ ଆଦେଶ ଦିଆଯାଇଛି ଏବଂ ଆମ୍ଭେ ସର୍ବ ପ୍ରଥମ ଆଜ୍ଞାବହ ଅଟୁ ।

### ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

### ଆଁହଜରତ୍ ସ.ଅଙ୍କ ବାଣୀ

## ସମ୍ମାନସ୍ୱଦ ସାହାବାମାନଙ୍କର ଅତୁଳନୀୟ ଉତ୍ସର୍ଗୀକୃତ ଜୀବନ

عَنۡ جَابِرِ بۡنِ عَبۡدِ اللّٰہِ یَقُوۡلُ لَقِیَنِیۡ رَسُوۡلُ اللّٰہِ صَلَّی اللّٰہُ عَلَیۡہِ وَسَلَّمَ فَقَالَ لِیۡ یَا جَابِرُ مَا لِیۡ اَرَاکَ مُنۡکَسِرًا قُلۡتُ یَا رَسُوۡلَ اللّٰہِ اُسۡتُشۡہِدَ اَبِیۡ وَتَرَکَ عِیَالًا وَدَیۡنًا قَالَ اَلَا اُبَشِّرُکَ بِمَا لَقِیَ اللّٰہُ بِہٖ اَبَاکَ قَالَ بَلٰی یَا رَسُوۡلَ اللّٰہِ قَالَ مَا کَلَّمَ اللّٰہُ اَحَدًا قَطُّ اِلَّا مِنۡ وَّرَاءِ حِجَابِہٖ وَاَحۡیَا اَبَاکَ فَکَلَّمَہٗ کِفَاحًا وَقَالَ یَا عَبۡدِیۡ تَمَنَّ عَلَیَّ اُعۡطِیۡکَ قَالَ یَا رَبِّ تُحۡیِیۡنِیۡ فَاُقۡتَلَ فِیۡکَ ثَانِیَۃً قَالَ الرَّبُّ تَبَارَکَ وَتَعَالٰی اِنَّہٗ قَدۡ سَبَقَ مِنِّیۡ اَنَّہُمۡ لَا یَرۡجِعُوۡنَ قَالَ وَاُنۡزِلَتۡ ہٰذِہِ الۡاٰیَۃُ وَلَا تَحۡسَبَنَّ الَّذِیۡنَ قُتِلُوۡا فِیۡ سَبِیۡلِ اللّٰہِ اَمۡوَاتًا اَلۡاٰیَۃَ **(ତିର୍ମିଜି, ଗ୍ରନ୍ଥ ଖଣ୍ଡ-2, କିତାବୁତ୍ ତଫସିର୍)**

ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୋ ପିତାଶ୍ରୀଙ୍କ ଶାହାଦତ୍ ପରେ ଏକଦା ରସୁଲୁଲ୍ଲାଃ ସ.ଅଙ୍କ ସହିତ ମୋର ସାକ୍ଷାତ୍ ହେଲା । ରସୁଲ୍ କରୀମ୍ ସ.ଅ କହିଲେ, ହେ ଜାବିର୍ ! କ'ଣ କାରଣ ରହିଛି ଯେ, ତୁମେ ଏପରି ଦୁଃଖିତ ବସିଛ ? ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ପିତାଶ୍ରୀଙ୍କ ଶାହାଦତ୍ ହୋଇଯାଇଛି ଏବଂ ସେ ନିଜ ପଛେ ନିଜର ପରିବାର ଏବଂ ଋଣ ଛାଡ଼ି ଯାଇଛନ୍ତି (ଋଣଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି) । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଜାବିର୍ ! ମୁଁ ତୁମକୁ ଶୁଭ ସମାଚାର ପ୍ରଦାନ କରିବି ନାହିଁ ଯେ, ଅଲ୍ଲାଃ କିଭଳି ଭାବରେ ତୁମର ପିତାଶ୍ରୀଙ୍କ ସହିତ ସାକ୍ଷାତ୍ କରିଛନ୍ତି । ହ. ଜାବିର୍ ର.ଅ କହିଲେ, ଆଜ୍ଞା ହୁଜୁର୍ ! କୁହନ୍ତୁ । ରସୁଲ୍ କରୀମ୍ ସ.ଅ କହିଲେ, ଅଲ୍ଲାଃତାଲା କାହା ସହିତ କଥାବାର୍ତ୍ତା କଲେ ନାହିଁ କିନ୍ତୁ ପରଦା ପଛରେ ରହି କଥାବାର୍ତ୍ତା ହେଲେ ଏବଂ ତୁମ ପିତାଶ୍ରୀଙ୍କୁ ଜୀବିତ କଲେ ଏବଂ ପୁନଶ୍ଚ ପିତାଶ୍ରୀଙ୍କ ସହିତ ଅଲ୍ଲାଃତାଲା ଆମ୍ନା ସାମ୍ନା ହୋଇ କଥାବାର୍ତ୍ତା କଲେ ଓ କହିଲେ, ହେ ମୋର ଭକ୍ତ ! ତୁମେ ମୋତେ ଯେକୌଣସି ପ୍ରସଙ୍ଗ ନିମନ୍ତେ ବର ମାଗ ମୁଁ ତୁମ୍ଭକୁ ତାହା ପ୍ରଦାନ କରିବି । ସେ କହିଲେ, ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ପୁନଃ ଜୀବିତ କରିଦିଅ । କାରଣ ମୁଁ ପୁନଶ୍ଚ ତୁମ୍ଭ ମାର୍ଗରେ ଶହୀଦ୍ ହେବି । ଅଲ୍ଲାଃତାଲା କହିଲେ, ଭକ୍ତ ! ମୋର ଏହି ନିୟମ ରହିଛି ଯେଉଁ ଲୋକମାନେ ଥରେ ମୃତ୍ୟୁବରଣ କରିନ୍ତି ସେମାନେ ସଂସାର ଲୋକକୁ ଆଉ ପୁନଃ ଫେରନ୍ତି ନାହିଁ । ☆--☆--☆

### ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ଜ୍ୟୋତିବାଣୀ (ତବର୍ରୁକାତେ ହ. ମସିହ୍ ମଉଦ୍ ଅ.ସ)

## ଅଲ୍ଲାଃତାଲାଙ୍କ ମାର୍ଗରେ ଜୀବନ ଉତ୍ସର୍ଗ କରିବା ନିମନ୍ତେ ଯଦି ମୋତେ ମୃତ୍ୟୁ ବରଣ କରି ପୁନଃ ଜୀବିତ ହେବାକୁ ପଡ଼େ ତେବେ ପ୍ରତ୍ୟେକ ଥର ମୋର ଏହି କାମନା ରହିଛି ଯେ, ମୁଁ ଆନନ୍ଦର ସହକାରେ ଉକ୍ତ ମାର୍ଗରେ ଅଗ୍ରସର ହେଉଥିବି (ଅର୍ଥାତ୍ ମୃତ୍ୟୁବରଣ କରିବି ଓ ପୁନଃ ଜୀବିତ ହେବି) ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମନୁଷ୍ୟ ପକ୍ଷେ ଏହା ଜରୁରୀ ଯେ, ସେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ଜୀବନକୁ ଉତ୍ସର୍ଗ କରିଦେଉ । ମୁଁ କେତେକ ଖବର କାଗଜମାନଙ୍କରେ ଏହା ପାଠ କରିଛି ଯେ, ଅମକ ଆର୍ଯ୍ୟ ବ୍ୟକ୍ତି ନିଜ ଜୀବନକୁ ଆର୍ଯ୍ୟ ସମାଜ ସକାଶେ ୱକ୍‌ଫ୍ (ଉତ୍ସର୍ଗ କରିବା) କରିଦେଲା ଏବଂ ଅମକ ପାଦ୍ରୀ ଜଣକ ନିଜର ସମଗ୍ର ବୟସକୁ ଖ୍ରୀଷ୍ଟ ଧର୍ମର ମିଶନ ନିମନ୍ତେ ଉତ୍ସର୍ଗ କରିଦେଲା । ମୁଁ ଆଶ୍ଚର୍ଯ୍ୟାନ୍ୱିତ ଯେ, ମୁସଲମାନମାନେ ଇସ୍‌ଲାମ୍ ଧର୍ମର ସେବା ନିମନ୍ତେ ଏବଂ ଈଶ୍ୱରଙ୍କ ମାର୍ଗରେ ନିଜର ଜୀବନକୁ କାହିଁକି ଉତ୍ସର୍ଗ କରୁ ନାହାନ୍ତି ? ଆଁହଜରତ୍ ସ.ଅଙ୍କ ପବିତ୍ର ଯୁଗ ଉପରେ ଯଦି ଦୃଷ୍ଟିପାତ କରାଯାଏ ତେବେ ଏହା ଜ୍ଞାତ ହୁଏ ଯେ, କିଭଳି ଇସ୍‌ଲାମ୍ ଧର୍ମ ସକାଶେ ନିଜର ଜୀବନକୁ ଉତ୍ସର୍ଗ କରାଯାଉଥିଲା। ଏକଥା ମନେରଖ ଯେ, ଅଲ୍ଲାଃତାଲାଙ୍କ ତଥା ତାହାଙ୍କ ଧର୍ମ ସକାଶେ ନିଜର ଜୀବନକୁ ଉତ୍ସର୍ଗ କରିବା କୌଣସି କ୍ଷତିର ଚୁକ୍ତି ନୁହେଁ, ବରଂ ଅପ୍ରତ୍ୟାଶିତ ଲାଭର ଚୁକ୍ତି ଅଟେ । ଏପରି ହୁଆନ୍ତା କି ମୁସଲମାନମାନଙ୍କୁ ଜ୍ଞାତ ହୁଅନ୍ତା ଏବଂ ଏହି ବ୍ୟାପାରର ଲାଭ ଏବଂ ଉପକାରିତା ସଂକ୍ରାନ୍ତରେ ସେମାନଙ୍କୁ ସୂଚନା ମିଳନ୍ତା କି ? ଯେଉଁ ବ୍ୟକ୍ତି ତାହାଙ୍କ (ଈଶ୍ୱରଙ୍କ) ଧର୍ମ ସକାଶେ ନିଜର ଜୀବନକୁ ଉତ୍ସର୍ଗ କରିଥାଏ କ'ଣ ସେ ନିଜର ଜୀବନକୁ ହରାଇ ବସିଥାଏ? କଦାପି ନୁହଁ فَلَہٗۤ اَجۡرُہٗ عِنۡدَ رَبِّہٖ وَلَا خَوۡفٌ عَلَیۡہِمۡ وَلَا ہُمۡ یَحۡزَنُوۡنَ ଏହି ଐଶୀ ଉତ୍ସର୍ଗର ପ୍ରତିଫଳ ସେମାନଙ୍କର ପାଳନକର୍ତ୍ତା ସେମାନଙ୍କୁ ଅବଶ୍ୟ ପ୍ରଦାନ କରିବେ । ଏହି ଉତ୍ସର୍ଗ ପ୍ରତ୍ୟେକ ପ୍ରକାରର ଦୁଃଖ ଏବଂ ଯନ୍ତ୍ରଣାରୁ ମୁକ୍ତି ଏବଂ ନିସ୍ତାର ପ୍ରଦାନକାରୀ ଅଟେ...... ମୁଁ ସ୍ୱୟଂ ଉକ୍ତ ମାର୍ଗର ଅନୁଭବୀ ତଥା ଅଭିଜ୍ଞ ବ୍ୟକ୍ତି ଅଟେ ଏବଂ କେବଳ ଅଲ୍ଲାଃତାଲାଙ୍କ କୃପା ଏବଂ କରୁଣା ଦ୍ୱାରା ମୁଁ ସେହି ଆଶ୍ୱସ୍ତି ଏବଂ ଆସ୍ୱାଦନ ଠାରୁ ଆସ୍ୱାଦିତ ହୋଇଛି । ତେଣୁ ମୁଁ ଏହି ଆଶା ପୋଷଣ କରେ ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ଜୀବନ ଉତ୍ସର୍ଗ କରିବା ନିମନ୍ତେ ଯଦି ମୃତ୍ୟୁ ବରଣ କରି ପୁନଃ ଜୀବିତ ହେବାକୁ ପଡ଼େ ତେବେ ପ୍ରତ୍ୟେକ ଥର ମୋର ଏହି କାମନା ରହିଛି ଯେ, ମୁଁ ଆନନ୍ଦର ସହକାରେ ଉକ୍ତ ମାର୍ଗରେ ଅଗ୍ରସର ହେଉଥିବି (ଅର୍ଥାତ୍ ମୃତ୍ୟୁବରଣ କରିବି ଓ ପୁନଃ ଜୀବିତ ହେବି) ।"

ଅତଏବ୍ ଯେହେତୁ ମୁଁ ଅନୁଭବୀ ଏବଂ ଅଭିଜ୍ଞ ବ୍ୟକ୍ତି ଅଟେ ତେଣୁ ମୁଁ ଅନୁଭବ ତଥା ଅଭିଜ୍ଞତା ପ୍ରାପ୍ତ କରି ସାରିଛି ଯେ, ଅଲ୍ଲାଃତାଲା ଉକ୍ତ ଉତ୍ସର୍ଗ ନିମନ୍ତେ ମୋତେ ସେହି ଉତ୍ସାହ ପ୍ରଦାନ କରିଛନ୍ତି ଯେ, ମୋତେ ଯଦି ଏହା କହି ଦିଆଯାଏ ଯେ, ଉକ୍ତ ଉତ୍ସର୍ଗରେ କୌଣସି ପୁଣ୍ୟ ଏବଂ ଲାଭ ନାହିଁ ବରଂ ଦୁଃଖ ଏବଂ ଯନ୍ତ୍ରଣା ରହିଛି ତେବେ ସେପରିପ୍ରେକ୍ଷୀରେ ମଧ୍ୟ ମୁଁ ଇସ୍‌ଲାମ୍ ଧର୍ମର ସେବା କରିବାରୁ ଅଟକିଯିବି ନାହିଁ। **(ଅଲହକମ୍, ଗ୍ରନ୍ଥଖଣ୍ଡ-4, ସଂଖ୍ୟା-31, ଅଗଷ୍ଟ ମାସ-31 ତାରିଖ 1900 ମସିହା)** **(ତଫସିର୍ ହ. ମସିହ୍ ମଉଦ୍ ଅ.ସ, ସୁରତୁଲ୍ ବକ୍ରାହ୍, ପୃ-201-202)** ☆--☆--☆

### ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

## ଯେଉଁ ବ୍ୟକ୍ତି ଉପାସନା ଏବଂ ଧର୍ମ ସେବା ନିମନ୍ତେ ନିଜର ସମଗ୍ର ଜୀବନକୁ ଉତ୍ସର୍ଗ କରି ନଥାଏ ତେବ ସେହି ବ୍ୟକ୍ତି ଈଶ୍ୱରଙ୍କ ସାନ୍ନିଧ୍ୟର ସ୍ତର ତଥା ମର୍ଯ୍ୟାଦା ପ୍ରାପ୍ତ କରିବାରେ କଦାପି ସଫଳ ହୋଇପାରିବ ନାହିଁ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ବକ୍‌ରାହ୍‌ର ଆୟତ୍ ସଂଖ୍ୟା 154 یٰۤاَیُّہَا الَّذِیۡنَ اٰمَنُوا اسۡتَعِیۡنُوۡا بِالصَّبۡرِ وَالصَّلٰوۃِ ؕ اِنَّ اللّٰہَ مَعَ الصّٰبِرِیۡنَ ର ବ୍ୟାଖ୍ୟା କରି କୁହନ୍ତି: "ଉପରୋକ୍ତରେ ଧୈର୍ଯ୍ୟ ସଂପର୍କରେ ଯେଉଁ ଅର୍ଥ ବର୍ଣ୍ଣନା କରାଯାଇଛି ତଦନୁଯାୟୀ ଉକ୍ତ ଆୟତର ଅର୍ଥ ଏହିକି ଯେ, (1) ହେ ବିଶ୍ୱାସକାରୀମାନେ! ଯେତେବେଳେ ତୁମମାନଙ୍କ ଉପରେ ଈଶ୍ୱରଙ୍କର ମାର୍ଗରେ କୌଣସି ବିପତ୍ତି ଏବଂ ସମସ୍ୟା ଆସିବ ସେତେବେଳେ ତୁମେମାନେ ଘାବରେଇବ ନାହିଁ କି ଏଥିଯୋଗୁଁ ମାନ କି ଅଭିମାନ ବ୍ୟକ୍ତ କରିବ ନାହିଁ । (2) ହେ ବିଶ୍ୱାସକାରୀମାନେ!

**ସମ୍ପାଦକୀୟ**

# ଉତ୍ସର୍ଗୀକୃତ ଜୀବନ ହେଉଛି ସତମାର୍ଗ (ମାର୍ଗଦର୍ଶନ) ପ୍ରକାଶନର ପୂର୍ଣ୍ଣ ଓ ପବିତ୍ର ଯୁଗ

ପୁଣ୍ୟଶ୍ଳୋକ ସୟେଦିନା ହ. ମସହି ମଉଦ ଅ.ସ ପବିତ୍ର କୁରଆନ୍ କରୀମ୍ ଏବଂ ଆହଦିସ୍ର ପ୍ରାମାଣ୍ୟ ମଧ୍ୟରୁ ଏବଂ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରଦତ୍ତ ଐଶୀବାଣୀର ପ୍ରକାଶରେ ଏହା ସିଦ୍ଧ କଲେ ଯେ, ଆଁହଜରତ୍ ସ.ଅଙ୍କ ପ୍ରଥମ ଆଗମନ ସତ୍‌ମାର୍ଗ ସଂପୂର୍ଣ୍ଣ ହେବା ନିମନ୍ତେ ଉଦ୍ଦିଷ୍ଟ ଥିଲା ଏବଂ ଆପଣ ସ.ଅଙ୍କ ଦ୍ୱିତୀୟ ଆଗମନ ଯାହାକି ପ୍ରତିଚ୍ଛାୟା ସ୍ୱରୂପ ନିୟତିକୃତ ଥିଲା ଏବଂ ସୁରତୁଲ୍ ଜୁମାରେ ଏହାର ଚର୍ଚ୍ଚା ହୋଇଛି ଯେ, ତାହା ସତ୍‌ମାର୍ଗର ପ୍ରକାଶନର ପୂର୍ଣ୍ଣତ୍ୱ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଏହା ହିଁ ସେହି ପବିତ୍ର ଯୁଗ ଯେଉଁ ଯୁଗରେ ଆମେମାନେ ଉପସ୍ଥିତ ଅଛେ । ଯେଉଁ ଯୁଗ ଇମାମ୍ ମେହ୍‌ଦୀ ତଥା ପ୍ରତିଶୃତ ମସିହ୍‌ଙ୍କର ଯୁଗ ଅଟେ ।...... ଆଜ୍ଞା ହଁ ସେହି ଯୁଗ ଯାହାକୁ ଅପେକ୍ଷା କରି ଇସ୍‌ଲାମ୍ ଧର୍ମର ବିଂଶାଧିକ ସାଧୁ ସନ୍ଥମାନେ ଏବଂ ଯୁଗ ପ୍ରବର୍ତ୍ତକମାନେ ଅତିକ୍ରାନ୍ତ ହୋଇ ସାରିଛନ୍ତି (ମୃତ୍ୟୁବରଣ କରିଛନ୍ତି) ।

ପ୍ରାରମ୍ଭିକ ଯୁଗରେ ଇସ୍‌ଲାମ୍ ଧର୍ମର ଶତ୍ରୁ ତୀର ଏବଂ ଖଡ଼୍‌ଗ ମାଧ୍ୟମରେ ଇସ୍‌ଲାମ୍ ଧର୍ମ ଉପରେ ଆକ୍ରମଣ କରୁଥିଲେ । କିନ୍ତୁ ସାଂପ୍ରତିକ ଯୁଗରେ ଇସ୍‌ଲାମ୍ ଧର୍ମ ବିରୋଧୀ ଶତ୍ରୁମାନେ କଲମ ଦ୍ୱାରା ଏବଂ ନୂତନ ବୈଷୟିକ ଜ୍ଞାନ କୌଶଳ ତଥା ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଇସ୍‌ଲାମ୍ ଧର୍ମ ଉପରେ ଆକ୍ରମଣ କରୁଛନ୍ତି । ସେହି ଆଧୁନିକ ଅସ୍ତ୍ରଶସ୍ତ୍ରରୁ ଇସ୍‌ଲାମ୍ ଧର୍ମକୁ ରକ୍ଷା କରି ତାହାକୁ ଅର୍ଥାତ୍ ଇସ୍‌ଲାମ୍ ଧର୍ମକୁ ସମଗ୍ର ସଂସାରରେ ପରିବ୍ୟାପ୍ତ କରିବା ଏବଂ ବିଜୟୀ ଭବ କରିବା ଇମାମ୍ ମେହ୍‌ଦୀ ଅ.ସଙ୍କ ଜମାଅତ୍‌ର କାର୍ଯ୍ୟ ଅଟେ । ଆଁହଜରତ୍ ସ.ଅ ସ୍ପଷ୍ଟ ଭାବରେ କହିଥିଲେ ଯେ, ମସିହ୍ ମଉଦଙ୍କ କାଳରେ ଖଡ଼୍‌ଗ ଯୁଦ୍ଧର ପରିସମାପ୍ତି ଘଟିବ ଏବଂ ଇସ୍‌ଲାମ୍ ଧର୍ମର ବିଜୟ ତଥା ଉତ୍ଥାନ କେବଳ ଓ କେବଳ ଜାଜ୍ୱଲ୍ୟମାନ (ସ୍ପଷ୍ଟ) ପ୍ରାମାଣ୍ୟ ଦ୍ୱାରା ଓ ବିନୀତମୂଳକ ଦୁଆ ଦ୍ୱାରା ହିଁ ସମ୍ପାଦିତ ହେବ ।

ହ. ମସିହ୍ ମଉଦ୍ ଅ.ସ ଏଥି ନିମନ୍ତେ ନିଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ କେବଳ ଉପଦେଶ ଦେଇ ନାହାନ୍ତି ବରଂ ଓସିୟତ୍ ମଧ୍ୟ କରିଛନ୍ତି ଯେ, ସେମାନେ ଇସ୍‌ଲାମ୍ ଧର୍ମର ଧର୍ମ ପ୍ରଚାର ଓ ପ୍ରକାଶନ ନିମନ୍ତେ ନିଜର ଜୀବନକୁ ଉତ୍ସର୍ଗ କରନ୍ତୁ । ଆପଣ ଅ.ସ କୁହନ୍ତି: "ମୁଁ ନିଜ ଜମାଅତ୍‌କୁ ଓସିୟତ୍ କରିବାକୁ ନିଜର ପରମ କର୍ତ୍ତବ୍ୟ ବୋଲି ମନେକରୁଛି ଏବଂ ମୁଁ ଏହି କଥା ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେବାକୁ ଚାହୁଁଛି ଯେ, ଭବିଷ୍ୟତରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ସ୍ୱାଧୀନତା ରହିଛି ଯେ, ସେ ଏହି କଥାକୁ ଶୁଣୁ ଅବା ନଶୁଣୁ । ଅତଏବ୍ ସେହି କଥାଟି ଏହିପରି ଯେ, ଯଦି କୌଣସି ବ୍ୟକ୍ତି ମୋକ୍ଷ ପ୍ରାପ୍ତ କରିବାକୁ ଚାହୁଁଛି ଏବଂ ପବିତ୍ର ଜୀବନର ଅଭିଳାଷୀ ତେବେ ସେ ଅଲ୍ଲାଃତାଲାଙ୍କ ସକାଶେ ନିଜର ଜୀବନକୁ ଉତ୍ସର୍ଗ କରିଦେଉ ଏବଂ ପ୍ରତ୍ୟେକ ବ୍ୟକ୍ତି ଏହି ଉଦ୍ୟମ କରୁ କି ସେ ସେହି ସ୍ତରକୁ ପ୍ରାପ୍ତ କରୁ କି ସେ ଏହା କହି ପାରିବ ଯେ, ମୋର ଜୀବନ, ମୋର ମରଣ, ମୋର ବଳିଦାନ, ମୋର ଉପାସନା ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ହ. ଇବ୍ରାହିମ୍ ଅ.ସଙ୍କ ପରି ତା'ର ଆତ୍ମା ଏହା କହି ଉଠୁ ଯେ, أَسْلَمْتُ لِرَبِّ الْعَالَمِين । ମନୁଷ୍ୟ ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ମଧ୍ୟରେ ନିମଗ୍ନ ହୋଇଯାଇ ନାହିଁ ଏବଂ ଈଶ୍ୱରଙ୍କ ମଧ୍ୟରେ ନିମଗ୍ନ ହୋଇ ମୃତ୍ୟୁବରଣ କରି ନାହିଁ ସେପର୍ଯ୍ୟନ୍ତ ସେ କଦାପି ନବ ଜୀବନ ପ୍ରାପ୍ତ କରି ପାରିବ ନାହିଁ । ଅତଏବ୍ ତୁମେମାନେ ମୋ ସହିତ ଯେଉଁ ସଂପର୍କ ରଖୁଛ ଏବଂ ତୁମେମାନେ ଦେଖୁଛ ଯେ, ଈଶ୍ୱରଙ୍କ ସକାଶେ ଜୀବନକୁ ଉତ୍ସର୍ଗ କରିବାରେ ହିଁ ନିଜ ଜୀବନର ମୂଳମନ୍ତ୍ର ଏବଂ ଅଭିପ୍ରାୟ ବୋଲି ମନେକରୁଛି । ତେଣୁ ତୁମେମାନେ ନିଜ ମଧ୍ୟରେ ଦେଖ ଯେ, ତୁମମାନଙ୍କ ମଧ୍ୟରୁ କେତେ ଜଣ ଅଛନ୍ତି ଯେଉଁମାନେ ମୋର ଉକ୍ତ କୃତ୍ୟକୁ ନିଜ ନିମନ୍ତେ ପସନ୍ଦ କରୁଛନ୍ତି ଏବଂ ଈଶ୍ୱରଙ୍କ ସକାଶେ ଜୀବନକୁ ଉତ୍ସର୍ଗ କରିବା ନିମନ୍ତେ ପ୍ରିୟ ବୋଲି ମନେକରନ୍ତି ?" **(ଅଲ୍ ହକମ୍, ଗ୍ରନ୍ଥଖଣ୍ଡ-4, ସଂଖ୍ୟା-21, 1900 ମସିହା ଅଗଷ୍ଟ ମାସ 31 ତାରିଖ, ପୃ-4)**

ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ମଧ୍ୟରେ ଉତ୍ସର୍ଗୀକୃତ ମନୋଭାବ ସୃଷ୍ଟି କରିବା ନିମନ୍ତେ ଏବଂ ସେମାନଙ୍କୁ ଇସ୍‌ଲାମ୍ ଧର୍ମର ଅଭିଯାନ ସଂପର୍କରେ ସାମିଲ୍ କରିବା ନିମନ୍ତେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ 1906 ମସିହାରେ ମାଦ୍ରାସା ଅହମଦିୟାର ମୂଳଦୁଆ ସ୍ଥାପନ କରିଥିଲେ । ଇତ୍ୟବସରରେ ଆପଣ ଅ.ସ କହିଲେ: "ମାଦ୍ରାସା ସ୍ଥାପନରୁ ମୋର ଏହି ଅଭିପ୍ରାୟ ରହିଛି ଯେ, ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦିଆଯାଉ ।

ସାଂପ୍ରତିକ ଯୁଗରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ଏଇଥି ପାଇଁ ସାଙ୍ଗରେ ରଖାଯାଇଛି ଯେ, ଏମାନେ ଅର୍ଥାତ୍ ମାଦ୍ରାସା ଅମହିଦୟା (ଯାମିୟା ଅହମଦିୟା)ର ଛାତ୍ରମାନେ ଧର୍ମ ସେବକ ହୁଅନ୍ତୁ ଏବଂ ଜ୍ଞାନୀ ହୁଅନ୍ତୁ । ମୋର ଏହି ଉଦ୍ଦେଶ୍ୟ ନୁହେଁ ଯେ, ଆଇ.ଏ, ବି.ଏ ଉତ୍ତୀର୍ଣ୍ଣ ହୋଇ ସାଂସାରିକ (ବୃତ୍ତି) ଅନ୍ୱେଷଣରେ ଏଣେତେଣେ ଧାଇଁ ବୁଲୁଥିବେ । ବରଂ ମୋର ଦୃଷ୍ଟି ସମ୍ମୁଖରେ ଏହି ପ୍ରସଙ୍ଗ ରହିଛି ଯେ, ଏପରି ଛାତ୍ରମାନେ (ଯୁକ୍ତ ଦୁଇ ଓ ସ୍ନାତକୋତ୍ତୀର୍ଣ୍ଣ ହୋଇଥିବା ଅର୍ଥାତ୍ ଯୁକ୍ତ ତିନି ଛାତ୍ରମାନେ) ଧର୍ମ ସେବା ସକାଶେ ନିଜର ଜୀବନକୁ ଉତ୍ସର୍ଗ କରି ଜୀବନ ଅତିବାହିତ କରନ୍ତୁ । ଏଇଥି ପାଇଁ ମୁଁ ମାଦ୍ରାସା ସ୍ଥାପନ ଏବଂ ମାଦ୍ରାସାରେ ଧର୍ମ ଶିକ୍ଷା ପ୍ରାପ୍ତ କରିବାକୁ ଜରୁରୀ ବୋଲି ମନେକରୁଛି । କାରଣ ଏହି ମାଦ୍ରାସାରେ ପାଠ ପଢିଥିବା ଛାତ୍ରମାନେ ଧର୍ମ ସେବା ସକାଶେ ଉପଯୋଗୀ ସାବ୍ୟସ୍ତ ହୁଅନ୍ତୁ ଓ ସମୟରେ କାମ ଦେଇପାରିବେ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-8, ପୃ-279-280)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଏହି ଆଧ୍ୟାତ୍ମିକ ସ୍ୱର ଉପରେ ଜମାଅତ୍ ମନ ଓ ପ୍ରାଣର ସହିତ ଲବ୍‌ବୈକ୍ (ଆଜ୍ଞା ତଥା ଉପସ୍ଥିତ ଅଛି) କହିଲା ଏବଂ ବିଗତ ଶହେ ବର୍ଷ ମଧ୍ୟରେ ଏପର୍ଯ୍ୟନ୍ତ ସହସ୍ର ସହସ୍ର ଉତ୍ସର୍ଗୀକୃତ ଜୀବନ ଛାତ୍ରମାନେ ନିଜର ଜୀବନକୁ ଉତ୍ସର୍ଗ କରି ଇସ୍‌ଲାମ୍ ଧର୍ମର ପ୍ରକାଶନ ମାର୍ଗରେ ପ୍ରତ୍ୟେକ ପ୍ରକାରର ବଳିଦାନ ଉପସ୍ଥାପିତ କରିଛନ୍ତି, ନିଜର ଧନକୁ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରିଦେଲେ, ନିଜର ତୁଣ୍ଡ ଏବଂ କଲମ ଦ୍ୱାରା ଏହି ମାର୍ଗରେ ଦିନ ରାତି ଏକ କରିଦେଲେ (ଅକ୍ଳାନ୍ତ ପରିଶ୍ରମ କଲେ) । ଆଜି ସେହି ଉତ୍ସର୍ଗକାରୀମାନଙ୍କର ନାମ ଜମାଅତ୍ ଅହମଦିୟାର ଇତିହାସରେ ଜାଜ୍ୱଲ୍ୟମାନ ସୌଧ (ଗମ୍ବୁଜ ବା ମିନାରା) ଠାରୁ କିଛି କମ୍ ନୁହେଁ ଓ ସେହି ନାମଗୁଡ଼ିକୁ ଆଜି ଆମେମାନେ ଗର୍ବର ସହକାରେ ନେଇଥାଉ । ହ. ମୌଲାନା ଅଲହାଜ୍ ହକିମ୍ ନୁରୁଦ୍ଦୀନ୍ ସାହେବ ର.ଅ ଯେକି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରଥମ ଖଲିଫା ହେଲେ ଆପଣ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶ କ୍ରମେ କାଦିୟାନ୍‌ର ହିଁ ଅଧିବାସୀ ହୋଇଗଲେ । ଆପଣ ନିଜର ଜ୍ଞାନ, ନିଜର ଧନ ସମ୍ପତ୍ତି ଇତ୍ୟାଦି ସବୁକିଛି ଈଶ୍ୱରଙ୍କ ମାର୍ଗରେ ଉପସ୍ଥାପିତ କରିଦେଲେ ।

ହ. ମୌଲାନା ହକିମ୍ ନୁରୁଦ୍ଦୀନ୍ ସାହେବ ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରେମ ଏବଂ ଆନ୍ତରୀକତାରେ ଏପରି ଉନ୍ନତି କଲେ ଓ ଇସ୍‌ଲାମ୍ ଧର୍ମର ସେବା ମନୋଭାବ ପୋଷଣ କରି ଆପଣ ଏତେ ଆସକ୍ତ ଥିଲେ ଯେ, ତାହା ଆପଣଙ୍କ ଏକ ପତ୍ରରୁ ହିଁ ଜଣା ପଡ଼ିଯାଏ ଯାହା ଆପଣ ଅ.ସ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଉଲ୍ଲେଖ କରିଥିଲେ । ଆପଣ ର.ଅ ଉଲ୍ଲେଖ କରନ୍ତି: "ମୌଲାନା ମୁର୍ଶିଦନା ୱ ଇମାମନା (ଆମର ମୌଲବୀ, ଆମର ମାର୍ଗଦର୍ଶକ ଓ ଧର୍ମାଧ୍ୟକ୍ଷ) ! **ଅସ୍‌ସଲାମୁ ଅଲୈକୁମ୍ ୱରହମତୁଲ୍ଲାଃହି ୱ ବରକାତୁହୁ** । ପ୍ରିୟ ମୁନିବ (ସର୍ବୋଚ୍ଚ ମହୋଦୟ) ! ମୋର ଏହି ଦୁଆ ଏବଂ କାମନା ରହିଛି ଯେ, ମୁଁ ସର୍ବଦା ଆପଣ ଅ.ସଙ୍କ ସେବାରେ ଉପସ୍ଥିତ ରହିବି ଏବଂ ଧର୍ମାଧ୍ୟକ୍ଷ ଯୁଗାବତାରଙ୍କ ସହିତ ଯେଉଁ ଉଦ୍ଦେଶ୍ୟ ସକାଶେ ସଂସ୍କାର କରାଯାଇଛି ତାହା ମୋତେ ପ୍ରାପ୍ତ ହେଉ । ହୁଜୁର୍ ! ଆପଣ ଅ.ସ ଯଦି ମୋତେ ଅନୁମତି ପ୍ରଦାନ କରନ୍ତି ତେବେ ମୁଁ ଚାକିରୀରୁ ଇସ୍ତଫା ଦେଇଦେବି ଏବଂ ଦିନ ରାତି ଆପଣଙ୍କ ସେବାରେ ସମର୍ପିତ ରହିବି ଅବା ଆପଣ ଅ.ସ ଯଦି ମୋତେ ଆଦେଶ ଦିଅନ୍ତି ତେବେ ଏହି ସଂପର୍କକୁ ଭାଙ୍ଗି ମୁଁ ସଂସାରରେ ଘୂରି ବୁଲୁଥିବି ଓ ଲୋକମାନଙ୍କୁ ସତ୍‌ଧର୍ମ ଆଡ଼କୁ ଡାକିବି ଓ ଉକ୍ତ ମାର୍ଗରେ ମୁଁ ପ୍ରାଣ ଉତ୍ସର୍ଗ କରିଦେବି । ମୋ ପାଖରେ ଯାହାକିଛି ରହିଛି ତାହା ମୋର ନୁହେଁ ବରଂ ଆପଣ ଅ.ସଙ୍କର ହିଁ ଅଟେ । ହୁଜୁର ଏବଂ ମୋର ଗୁରୁ ତଥା ମାର୍ଗଦର୍ଶକ! ମୁଁ ସତ୍ୟ କହୁଛି ଯେ, ମୋର ସମସ୍ତ ଧନ ସମ୍ପତ୍ତି ଯଦି ଧର୍ମ ପ୍ରକାଶନ ସକାଶେ ବ୍ୟୟ ହୋଇଯାଏ ତେବେ ମୋ ଜୀବନ ସାର୍ଥକ ହୋଇଗଲା ବୋଲି ମୁଁ ଜାଣିବି ।"

**(ଫତହ୍ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-3 ପୃ-36)**

ସ୍ୱର୍ଗତ ହ. ସାହେବ ଜାଦା ଅବ୍‌ଦୁଲ୍ ଲତିଫ୍ ଶହିଦ୍ ସହାବେ ଯେକି ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନ ଏବଂ ଅବତାରତ୍ୱ ଖବର ଶୁଣି ଆଫଗାନିସ୍ତାନରୁ କାଦିୟାନ୍ ଆସିଥିଲେ, ସେ ହ. ମସିହ୍ ମଉଦ୍ ଅ.ସଙ୍କ ସକାଶେ ନିଜର ପ୍ରାଣୋତ୍ସର୍ଗ କରିଦେଲେ। ଆଫଗାନିସ୍ତାନକୁ ଫେରିବା ପରେ ସମ୍ରାଟଙ୍କ ଦ୍ୱାରା ପ୍ରଦତ୍ତ ମର୍ଯ୍ୟାଦା ଓ ଉପାଧିକୁ ଆପଣ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ସମ୍ରାଟଙ୍କ ପ୍ରଲୋଭନ ଏବଂ ଭୟଭୀତ କରିବା ସତ୍ତ୍ୱେ ମଧ୍ୟ ଆପଣ ନିଜର ପ୍ରାଣକୁ ଈଶ୍ୱରଙ୍କ ସକାସେ ଉତ୍ସର୍ଗ କରିଦେଲେ ଏବଂ ସୟେଦୁସ୍ ଶୋହଦା (ଶହୀଦମାନଙ୍କର ଅଧିପତି ଉପାଧିରେ ଭୂଷିତ ହେଲ) ଭାବରେ ବିବେଚିତ ହେଲେ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସଂସ୍କାର ସଂସ୍ପର୍ଶରେ ଆସିଥିବା ଏହି ସାହାବାଗଣ ଇସ୍‌ଲାମ୍ ଧର୍ମର ପ୍ରକାଶନ ନିମନ୍ତେ କାଦିୟାନରୁ ବାହାରି ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଗଲେ । ହ. ମୁଫ୍‌ତି ମୁହମ୍ମଦ ସାଦିକ୍ ସାହେବ ର.ଅ ଆମେରିକା ଗଲେ । ହାଫିଜ୍ ସୁଫି ଗୁଲାମ୍ ମୁହମ୍ମଦ ସାହେବ ମରେଶିୟସ୍, ହ. ମୌଲାନା ଅବଦ୍ଦୁର୍ ରହିମ୍ ନୈୟେର୍ ସାହେବ ର.ଅ ଆଫ୍ରିକା ଗଲେ, ହ. ମୌଲବୀ ରହ୍‌ମତ୍ ଅଲୀ ସାହେବ ର.ଅ ମଧ୍ୟ ପୂର୍ବ ଠାରୁ ଦୂରବର୍ତ୍ତୀ ସ୍ଥାନ, ହ. ସୈୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ଦମିଶ୍କ (ଡ୍ୟାମସକସ୍) ଏବଂ ପାଲେଷ୍ଟାଇନ୍ ଗଲେ। ସେଠାରେ ଏହି ପ୍ରାଣୋତ୍ସର୍ଗୀ ଉତ୍ସର୍ଗୀକୃତ ଜୀବନ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ସମଗ୍ର ପୃଥିବୀରେ ସେମାନେ ଇସ୍‌ଲାମ୍ ଧର୍ମର ପ୍ରଚାରର କର୍ତ୍ତବ୍ୟ ନିର୍ବାହ କଲେ ଏବଂ ପୁନଶ୍ଚ ଖୋଲଫାଏ ଅହମଦିୟତ୍‌ଙ୍କ ତତ୍ତ୍ୱାବଧାନରେ ତଥା ଖଲିଫମାନଙ୍କର ଛତ୍ରଛାୟାରେ ସେହି ସାହାବାମାନଙ୍କ ପଦାଙ୍କ ଅନୁସରଣ କରି ସହସ୍ର ସହସ୍ର ୱାକ୍‌ଫିନେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ମୁବଲ୍ଲିଗିନ୍‌ମାନେ ବଳିଦାନ ଉପସ୍ଥାପିତ କଲେ । ଏହାର ପରିଣାମ ଏହିକି ଯେ, ଆଜି ସଂସାରର ଦୁଇ ଶହରୁ ଉର୍ଦ୍ଧ୍ୱ ରାଷ୍ଟ୍ରମାନଙ୍କରେ ଇସ୍‌ଲାମ୍ ଧର୍ମ ଏବଂ ଅହମଦିୟତ୍‌ର ବାର୍ତ୍ତା ପହଞ୍ଚି ସାରିଛି। ପବିତ୍ର କୁରଆନ୍ କରୀମ୍‌ର 78ଟି ଭାଷାରେ ଅନୁବାଦ ହୋଇ ସାରିଛି । ସହସ୍ର ସହସ୍ର ମୁବଲିଲିଗିନ୍‌ମାନେ ଦିନ ରାତି ଇସ୍‌ଲାମ୍ ଧର୍ମର ପ୍ରକାଶନରେ ବ୍ୟସ୍ତ ଅଛନ୍ତି । ସେହି ମୁବଲ୍ଲିଗିନ୍‌ମାନଙ୍କ ମଧ୍ୟରେ ବର୍ତ୍ତମାନ ୱାକ୍‌ଫିନେ ନୌ (ଉତ୍ସର୍ଗୀକୃତ ଜୀବନ)ମାନେ ମଧ୍ୟ ବଳିଦାନ ଉପସ୍ଥାପିତ କରୁଛନ୍ତି । ପୃଥିବୀର ବିଂଶାଧିକ ରାଷ୍ଟ୍ରରେ ନୂତନ **(ଅବଶିଷ୍ଟାଂଶ.....ପୃ-11ରେ)**

(ଖୁତ୍‌ବା ଜୁମା)

## ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ ହ. ମସିହ୍ ମଉଦ୍ ଅ.ସଙ୍କ ଈଶ୍ୱର ପ୍ରେମର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ପବିତ୍ର ରମ୍‌ଜାନୁଲ୍ ମୁବାରକ ଅବସରରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ ନିମନ୍ତେ ଆହ୍ୱାନ ।
ଏହି ଦିନମାନଙ୍କରେ ସମସ୍ୟାଗ୍ରସ୍ତ ଏବଂ ମିଛ ମକଦ୍ଦମାର ଗିରଫ ହୋଇଥିବା ଅହମଦିମାନଙ୍କ ନିମନ୍ତେ ବହୁତ ଦୁଆ କରନ୍ତୁ । ଅହମଦି ଭାଇମାନଙ୍କ ନିମନ୍ତେ ଅଲ୍ଲାଃତାଲା ସହଜତା ସୃଷ୍ଟି କରନ୍ତୁ । ମୁସଲମାନମାନଙ୍କୁ ମଧ୍ୟ ଦୁଆରେ ମନେରଖନ୍ତୁ, ସଂସାରର ବିନାଶରୁ ବର୍ତ୍ତିବା ନିମନ୍ତେ ଦୁଆ କରନ୍ତୁ । ଅଲ୍ଲାଃତାଲା ନିରୀହମାନଙ୍କୁ ଉପଦ୍ରବୀ ତଥା ଅତ୍ୟାଚାରୀମାଙ୍କର ଉପଦ୍ରବରୁ ରକ୍ଷା କରନ୍ତୁ, ଯୁଦ୍ଧ ଏବଂ ବିନାଶ ଯଦି ଭାଗ୍ୟରେ ରହିଛି ତେବେ ଅଲ୍ଲାଃତାଲା ସର୍ବଦା ନିରୀହ ଲୋକମାନଙ୍କୁ ରକ୍ଷା କରନ୍ତୁ ଏବଂ ଅତ୍ୟାଚାରୀମାନଙ୍କର ଶୀଘ୍ର ଧରପକଡ଼ କରନ୍ତୁ । ଆମିନ୍ ।

**ଖୁତବା ଜୁମା 20 Februaury 2026 ମସିହା ଅନୁଯାୟୀ ୨୦ ତବଲିଗ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**
ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ କାଲି ଠାରୁ ପବିତ୍ର ରମଜାନ୍ ମାସ ଆରମ୍ଭ ହେଉଛି । ଏହି ମାସ ହେଉଛି ରୋଜା (ଓଷା) ରଖିବାର ମାସ । ଅଲ୍ଲାଃତାଲା ଆମମାନଙ୍କୁ ଏହି ମାସ ଏଇଥି ପାଇଁ ପ୍ରଦାନ କରିଛନ୍ତି ଯେ, ଆମେମାନେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରିବୁ ଏବଂ ନିଜର ଆଧ୍ୟାତ୍ମିକ ସଂଶୋଧନ କରିବୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହମଦିକୁ ଏହି ମାସରୁ ଅଧିକରୁ ଅଧିକ ଲାଭାନ୍ୱିତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । କିନ୍ତୁ ଆପଣମାନେ ସର୍ବଦା ମନେରଖନ୍ତୁ ଯେ, ପ୍ରକୃତ ଲାଭ ସେତେବେଳେ ହିଁ ମିଳିଥାଏ ଯେତେବେଳେ ରମ୍‌ଜାନା ମାସ ପରେ ମଧ୍ୟ ଆମେମାନେ ଈଶ୍ୱର ପ୍ରେମ ଏବଂ ଈଶ୍ୱରଙ୍କ ଉପାସନାର ସ୍ତରକୁ ଆମେମାନେ ବଳବତ୍ତର ରଖିବୁ, କେବଳ ସେତିକି ନୁହେଁ ବରଂ ଉପସନାର ସ୍ତରକୁ ଉଚ୍ଚରୁ ଉଚ୍ଚତର କରିବା ନିମନ୍ତେ ଉଦ୍ୟମ କରିବା ଦ୍ୱାରା ସେତେବେଳେ ଯାଇ ଆମେମାନେ ନିଜର ଜନ୍ମର ଅଭିପ୍ରାୟକୁ ଚରିତାର୍ଥକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇପାରିବୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ବିଗତ ଜୁମାର ଖୁତ୍‌ବାରେ ଆଁହଜରତ୍ ସ.ଅଙ୍କ ଈଶ୍ୱର ପ୍ରେମ, ଉପାସନାର ପନ୍ଥା ଓ ସ୍ତର ଏବଂ ବିଶ୍ୱାସକାରୀମାନଙ୍କୁ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଆପଣ ସ.ଅ ଯେଉଁ ଉପଦେଶ ଦେଇଛନ୍ତି ତଥା ମାର୍ଗଦର୍ଶନ ପ୍ରଦାନ କରିଛନ୍ତି ସେଥି ସଂକ୍ରାନ୍ତରେ ମୁଁ ଆଜି ବର୍ଣ୍ଣନା କରି ଆସିଛି। ପୁନଶ୍ଚ ଆପଣ ସ.ଅଙ୍କ ସତ୍ୟବାଦୀ ଦାସଙ୍କ ଆଁହଜରତ୍ ସ.ଅଙ୍କ ସର୍ବୋଚ୍ଚ ଆଦର୍ଶର ପ୍ରକୃତ ଅନୁସରଣରେ ଘଟଣାବଳୀ ମୁଁ ବର୍ଣ୍ଣନା କରିଥିଲି । ତେବେ ଏହି ବିଷୟବସ୍ତୁଟି ବର୍ତ୍ତମାନ ଜାରି ରହିଛି ଏବଂ ଆଜି ପବିତ୍ର ରମ୍‌ଜାନ୍ ମାସ ଅବସରରେ ମଧ୍ୟ ଏହି ପ୍ରସଙ୍ଗ ଆଲୋଚନା କରିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀର ପ୍ରାମାଣ୍ୟ ମଧ୍ୟରୁ କେତେକ ଘଟଣାବଳୀ ମୁଁ ବର୍ଣ୍ଣନା ଏଠାରେ କରିବି ଯାହାର ପରିପ୍ରକାଶ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ଏବଂ ଦୁଆ ଆଡ଼କୁ ହିଁ ହୋଇଥାଏ । ଏହା ମଧ୍ୟ ଅଲ୍ଲାଃତାଲାଙ୍କ ବିଶେଷ କୃପା ରହିଛି ଯେ, ସେ ଉପାସନା ଏବଂ ଈଶ୍ୱର ପ୍ରେମର ସେହି ଘଟଣାବଳୀକୁ ଯାହା ମୁନିବ ଏବଂ ଦାସଙ୍କ ସଂପର୍କିତ ରିହଛି ତାହା ଆମମାନଙ୍କୁ ସେତେ ଦୂର ପର୍ଯ୍ୟନ୍ତ ନେଇ ଆସିଛି ଯେ, ଆମେମାନେ ରମଜାନ୍ ମାସରେ ପ୍ରବିଷ୍ଟ ହୋଇଯାଇଛୁ । ସେହି ଦୃଷ୍ଟିରୁ ଆମମାନଙ୍କୁ ନିଜର ଆତ୍ମ ସମୀକ୍ଷା କରିବା ନିମନ୍ତେ ସାମର୍ଥ୍ୟତା ପ୍ରାପ୍ତ ହୋଇପାରିବ କି ଆମେମାନେ ନିଜର ଅବସ୍ଥାକୁ ଉନ୍ନତ କରିବାକୁ ସକ୍ଷମ ହୋଇପାରିବୁ ? ତେଣୁ ମୁଁ ଯେଉଁ ଘଟଣାବଳୀଗୁଡ଼ିକୁ ବର୍ଣ୍ଣନା କରିବି କିମ୍ବା କରିଥାଏ, ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଉଚିତ ହେବ ଯେ, ସେ ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ମାର୍ଜିତ, ଶୃଙ୍ଖଳିତ ଓ ଉନ୍ନତ କରିବା ତଥା ସମୀକ୍ଷା କରିବା ନିମନ୍ତେ ସେଗୁଡ଼ିକୁ ନିଜ ସମ୍ମୁଖରେ ରଖୁ । ପୁନଶ୍ଚ ଏହି ଉଦ୍ୟମ କରୁ କି ଆମେମାନେ ସେହି ସବୁ କଥା ଉପରେ ଏବଂ କୃତ୍ୟ ଉପରେ ମଧ୍ୟ କାର୍ଯ୍ୟାନୁସରଣ କରିବୁ ଯାହା ଆମମାନଙ୍କର ପ୍ରିୟ ମୁନିବ ହ. ମୁହମ୍ମଦ୍ ମୁସ୍ତଫା ସ.ଅ ଏବଂ ଆପଣ ସ.ଅଙ୍କ ସତ୍ୟବାଦୀ ଦାସଙ୍କ ଉପାସନାର ପନ୍ଥା ଥିଲା ଅବା ଅଲ୍ଲାଃତାଲାଙ୍କ ସହିତ ସେମାନଙ୍କର ଯେଉଁ ସଂପର୍କ ରହିଥିଲା । କେବଳ ଏହା ନହେଉ ଯେ, ଆମେମାନେ ସେହିସବୁ ଘଟଣାବଳୀକୁ ଶୁଣିବୁ ଏବଂ ସୁରକ୍ଷିତ ହୋଇଯିବୁ । ନା ବରଂ ସେହି ଘଟଣାବଳୀ ଆମମାନଙ୍କ ନିମନ୍ତେ ମାର୍ଗଦର୍ଶକ ସାଜିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଘଟଣାବଳୀରେ ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅଙ୍କ ଏକ ବର୍ଣ୍ଣନା ଉପସ୍ଥାପିତ କରି ଦେଉଛି । ଆପଣ ର.ଅ ମୁହମ୍ମଦ ଅବଦୁଲ୍ଲାଃ ବୋତାଲୱୀ ସାହେବଙ୍କ ବର୍ଣ୍ଣନା ଉଲ୍ଲେଖ କରିଛନ୍ତି ଯେ, ସେ କହିଲେ, 1907 ମସିହାର ଘଟଣା ହେବ ଯେ, ସ୍ୱର୍ଗତ କାଜି ଜିୟାଉଦ୍ଦୀନ୍ ସାହେବଙ୍କ ପତ୍ନି ଅମତୁର୍ ରହମାନ ସାହେବଙ୍କ ପିତାଶ୍ରୀ କୁହନ୍ତି ଯେ, ମୋର ଆଇମାଙ୍କ ସଂପର୍କୀୟମାନେ ମଧ୍ୟ ଥିଲେ, ସେମାନେ ମୋତେ ଏକ କାଗଜ ଖଣ୍ଡ ଦେଲେ । ସେହି କାଗଜ ବେକାର ସ୍ୱରୂପ ଥିଲା । କିନ୍ତୁ ଯେହେତୁ ସେହି କାଗଜ ଉପରେ ହ. ମସିହ୍ ମଉଦ୍ ଅ.ସଙ୍କ ଏବଂ ଉମ୍ମୁଲ୍ ମୁମିନିନ୍ ଅୟେଦୁଲ୍ଲାଃତାଲାଙ୍କ ହସ୍ତ ଦ୍ୱାରା ଲିଖିତ ବାକ୍ୟ ରହିଥିଲା । ତେଣୁ ମୁଁ ସେହି କାଗଜଟିକୁ ତବରରୁକ୍ (କଲ୍ୟାଣ) ସ୍ୱରୂପେ ଅତ୍ୟନ୍ତ ଆଗ୍ରହର ସହକାରେ ପ୍ରାପ୍ତ କଲି ଏବଂ ସୁରକ୍ଷିତ କରିନେଲି ।

ମହୋଦୟ କୁହନ୍ତି: "ପୁନଶ୍ଚ କୌଣସି ସମୟରେ ମୋ ପାଖରୁ କାଗଜ ଏଣେତେଣେ ହୋଇଗଲା । କୌଣସି ଏକ ପୁସ୍ତକରେ ସେହି କାଗଜ ଖଣ୍ଡଟିକୁ ମୁଁ ରଖିଦେଲି । କିନ୍ତୁ ସେ ଯାହା ହେଉ ଯେହେତୁ ସେହି କାଗଜ ଖଣ୍ଡ ସହିତ ଘଟଣା ବା ବୃତ୍ତାନ୍ତର ଏକ ସଂପର୍କ ରହିଛି ତେଣୁ ଅମତୁର୍ ରହମାନ୍ ସାହେବା ମୋତେ ସ୍ୱୟଂ ସେହି ଘଟଣା ସଂପର୍କରେ ଶୁଣାଇଥିଲେ (କହିଥିଲେ) । ତେଣୁ ସେହି କାଗଜ ଖଣ୍ଡଟି ଏକ ଫୋପଡ଼ା ହୋଇଥିବା ଅଦରକାରୀ ବସ୍ତୁ ଥିଲା ଯାହା ଉପରେ କିଛି ପଂକ୍ତି ଲେଖା ହୋଇଥିଲା। ଅତଏବ୍ ମୁଁ ସେହି ନିରାଡମ୍ବରତା ସହିତ ଉଲ୍ଲିଖିତ ପଂକ୍ତିରେ ହ. ମସିହ୍ ମଉଦ୍ ଅ.ସଙ୍କ ଈଶ୍ୱରଙ୍କ ସହିତ ସଂପର୍କ, ଧର୍ମପରାୟଣତା, ପବିତ୍ରତା ଏବଂ ଉପାସନାରେ ପ୍ରେମର ପ୍ରକାଶ ପଡ଼ିଥାଏ । ମହୋଦୟ କୁହନ୍ତି, ତେଣୁ ମୁଁ ଏହାର ଚର୍ଚ୍ଚା କରିଦେବା ଆବଶ୍ୟକ ବୋଲି ମନେକରୁଛି । ଅମତୁର୍ ରହମାନ୍ ସାହେବା ଯେଉଁ ଦିନମାନଙ୍କର ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଘରେ ରହୁଥିଲେ ସେ ମୋତେ ଦେଖିଲେ ଏବଂ କହିଲେ: "ଦିନେ ମସିହ୍ ମଉଦ୍ ଅ.ସ ଏବଂ ହ. ଉମ୍ମୁଲ୍ ମୁମିନିନ୍ ଏହା ପରୀକ୍ଷା କରିବାକୁ ଚାହିଁଲେ ଯେ, ହଉ ଦେଖିବା ଆଖି ବନ୍ଦ କରି କାଗଜ ଉପରେ ଲେଖି ହେଉଛି ଅବା ନୁହେଁ ? ବର୍ତ୍ତମାନ ଏହା ପରସ୍ପର ମଧ୍ୟରେ ପାରିବାରିକ ପରିବେଶ ରହିଛି । ତହିଁରେ ପତି ପତ୍ନିଙ୍କ ମଧ୍ୟରେ ପ୍ରତିଯୋଗିତା ଓ ପରୀକ୍ଷା ଚାଲିଛି । ସୁତରାଂ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ସେହି କାଗଜ ଖଣ୍ଡ ଉପରେ ଅମକ ବାକ୍ୟ ଲେଖା ହୋଇଛି ଏବଂ ମୋତେ ସେହି ବାକ୍ୟର ପ୍ରତିଟି ଅକ୍ଷର ମନେଅଛି । ଅର୍ଥାତ୍ ମହଦୋୟ କୁହନ୍ତି ଯେ, କାଗଜ ହଜିଗଲା କିନ୍ତୁ କାଗଜ ମଧ୍ୟରେ ଯାହା ଲେଖା ହୋଇଥିଲା ତାହାର ପ୍ରତିଟି ଅକ୍ଷର ମୋର ମନେଅଛି । ମୁଁ ବିଶ୍ୱାସର ସହିତ କହିପାରିବି ଯେ, ଯଦି ସେହି କାଗଜ ମୋତେ ମିଳିଯାଏ ତେବେ ସେହି କାଗଜ ଉପରେ ଏହା ହିଁ ଲେଖା ହୋଇଥିବ (ଯାହା ମୁଁ କହିଲି) । ହୁଜୁର ଅ.ସ ଆଖି ବନ୍ଦ୍ କରିବା ଅବସ୍ଥାରେ ଯାହା ଲେଖିଥିଲେ ତାହା ଏହିପରି ଥିଲା ଯେ, ତେଣୁ ମନୁଷ୍ୟ ପକ୍ଷେ ଏହା ଉଚିତ୍ କି ସେ ସର୍ବଦା ଅଲ୍ଲାଃତାଲାଙ୍କୁ ଡରୁ ଏବଂ ପାଞ୍ଚବେଳା ନମାଜ୍‌ରେ ତାହାଙ୍କ ସମ୍ମୁଖରେ ମଥାନତ ହୋଇ ଦୁଆ (ପ୍ରାର୍ଥନା) କରୁ ।"

ଅତଏବ୍ ଏ ହେଉଛି ସେହି ସ୍ତର ଯେଉଁ ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ହ. ମସିହ୍ ମଉଦ୍ ଅ.ସ ସର୍ବଦା ନିଜର ଅନୁଗାମୀମାନଙ୍କୁ ଅନୁପ୍ରାଣୀତ କରିଛନ୍ତି । ଆପଣ ଅ.ସଙ୍କ ମନରେ ସର୍ବଦା ଏହି ଧାରଣା ରହୁଥିଲା ଯେ, କେବଳ ମୋର ଅନୁଗାମୀମାନେ ନୁହେଁ ବରଂ ପ୍ରତ୍ୟେକ ବିଶ୍ୱାସକାରୀ ବ୍ୟକ୍ତି ଏପରି ହେବା ଉଚିତ୍ ଯେ, ତା ମଧ୍ୟରେ ଈଶ୍ୱରଙ୍କ ଭୟ ରହିବା ଉଚିତ୍ ଏବଂ ସେ ସର୍ବଦା ଉପାସନା କରିବା ପ୍ରତି ଧ୍ୟାନ ଦେଉଥିବ । ସେ ଯାହା ହେଉ କାଗଜ ଖଣ୍ଡ ଉପରେ ହ. ଅମ୍ମାଜାନ୍‌ଙ୍କର ମଧ୍ୟ ଲେଖନୀ ଉଲ୍ଲିଖିତ ହୋଇଥିଲା । ଅତଏବ୍ ସେହି ଲେଖନୀକୁ ମୁଁ ବର୍ଣ୍ଣନା କରି ଦେଉଛି ଯାହା ସାଧାରଣ ପାରିବାପିର ପ୍ରସଙ୍ଗରେ ଥିଲା । ହ. ଅମ୍ମାଜାନ୍ ର.ଅଙ୍କ ଅତ୍ୟନ୍ତ ସରଳ ଶବ୍ଦ ରହିଥିଲା ଯେ, ମହମୁଦ୍ ମୋର୍ ପ୍ରିୟ ପୁତ୍ର ଅଟେ । କେହି ଯେପରି ତାକୁ କିଛି ନକହୁ । ପୁନଶ୍ଚ ଆଉ ଏକ ପଂକ୍ତି ପିଲାମାନଙ୍କ ସଂପର୍କରେ ହିଁ ଥିଲା ଯେ, ମୁବାରକ୍ ଅହମଦ ବିସ୍କୁଟ୍ ମାଗୁଛି। ତେବେ ସେ ଯାହା ହେଉ ଏହି ଦୁଇଟି ଲେଖନୀ ଉଲ୍ଲିଖିତ ହୋଇଥିଲା । ହ. ମସିହ୍ ମଉଦ୍ ଅ.ସଙ୍କ ଅକ୍ଷର ଏବଂ ଲେଖା ଜର୍ଜର (ଅସୁନ୍ଦର) ଥିଲା । କିନ୍ତୁ ତହିଁରେ ଦୃଢତ୍ୱତା ପରିପକ୍ୱତା ଥିଲା । ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ଆଖି ବନ୍ଦ କରି ଲେଖିଥିଲେ । ତାହା ଏପରି ଲାଗୁଥିଲା ଯେପରିକି ଘୋଷାରି ହୋଇ ଆପଣ ଅ.ସ ଲେଖିଛନ୍ତି । କିନ୍ତୁ ସେ ଯାହା ହେଉ ତହିଁରେ ପକ୍ୱତା ଥିଲା ଏବଂ ଲେଖା ପଢି ହେଉଥିଲା । ଆଖି ବନ୍ଦ୍ କରି ଲେଖିବା ସତ୍ତ୍ୱେ ତହିଁରେ ଧାଡ଼ି ଅନ୍ୟ ଲେଖନୀ ପରି ଥିଲା । ଯେପରି ଅନ୍ୟ ଲେଖାରେ ଅଧା ସିଧା ଧାଡ଼ିରେ ଲେଖା ହୋଇଥାଏ, ତାହା ବଳବତ୍ତର ଥିଲା । ସଳଖ ଧାଡ଼ି ରହିଥିଲା । କିନ୍ତୁ ହ. ଉମ୍ମୁଲ୍ ମୁମିନିନ୍ ର.ଅଙ୍କ ଅକ୍ଷର ନିଜ ସ୍ଥାନ ଠାରୁ ଉର୍ଦ୍ଧ୍ୱରେ (ଉପରେ) ଥିଲା ଏବଂ ଧାଡ଼ିଗୁଡ଼ିକ ସଳଖ ନଥିଲା । ସେ ଯାହା ହେଉ କାଗଜରେ ଉପରେ ଲେଖା ଲେଖି କାମ ହୋଇଗଲା । କିନ୍ତୁ ଉଲ୍ଲିଖିତ ଲେଖନୀ କ'ଣ ଥିଲା, ତହିଁରେ ଏକ ବିଶେଷ କଥା ଥିଲା । ସେହି କଥାକୁ ପାଠ କରି ମୁଁ ଆନନ୍ଦିତ ହୋଇଥାଏ ଏବଂ ବାସ୍ତବରେ ଏହି କଥାଟି ବହୁତ ମଜାଳିଆ କଥା ଅଟେ।

କାରଣ ନିଜ ଘରେ ନିରାଡମ୍ବରତାର ସହିତ ବସି ଯଦି ସହସା କିଛି ବୁଝି ନବିଚାରି କୌଣସି କଥା ହୁଜୁର ଅ.ସଙ୍କୁ ଲେଖିବାକୁ ପଡ଼େ ତେବେ ତାହା ଉପଦେଶମୂଳକ କଥା ବ୍ୟତୀତ ଅନ୍ୟ କିଛି ମୁଣ୍ଡକୁ ଢୁକୁ (ଆସୁ) ନଥିଲା । ହ. ଉମ୍ମୁଲ୍ ମୁମିନିନ୍ ର.ଅଙ୍କ ଧାଡ଼ି ଏପରି ଥିଲା ଯାହା ପରିବେଶ ଅନୁଯାୟୀ ତାଙ୍କ ମସ୍ତିଷ୍କରେ ଉପସ୍ଥିତ ହୋଇପାରୁଥିଲା। ତେବେ ମହୋଦୟ ଆଗକୁ ଏହା ଉଲ୍ଲେଖ କରିଛନ୍ତି ଯେ, ଏହା ବସ୍ତବ ଅଟେ ଯେ, ସେହି ପାର୍ଥକ୍ୟ ଈଶ୍ୱରଙ୍କ ତରଫରୁ ନିଯୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ଏବଂ ନିଯୁକ୍ତ ନଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ହୋଇଥାଏ । ଆପଣ ଅ.ସଙ୍କ ମନରେ ଏକ ବେଦନା ରହିଥିଲା । ଅର୍ଥାତ୍ କିଭଳି ଲୋକମାନଙ୍କୁ ଈଶ୍ୱରଙ୍କ ନିକଟକୁ ଅଣାଯାଉ ଏବଂ ସେମାନଙ୍କ ମଧ୍ୟରେ ଉପସନା କରିବା ପ୍ରତି ଆଗ୍ରହ ସୃଷ୍ଟି କରାଯାଉ। **(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-2, ଭାଗ-4, ପୃ-148-149, ବର୍ଣ୍ଣନା ସଂଖ୍ୟା-1204)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ଏକ ସରଳ ପାରିବାରିକ ପ୍ରସଙ୍ଗ ଅଟେ । କିନ୍ତୁ ତହିଁରେ କେତେ ବହୁମୂଲ୍ୟ ନୀତିଶିକ୍ଷା ରହିଛି । ସେହିପରି ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଆଉ ଏକ ଘଟଣା ବର୍ଣ୍ଣନା କରିଛନ୍ତି । ମିଆଁ ଅବଦୁଲ୍ଲାଃ ସନୱରୀ ସାହେବ ର.ଅ କୁହନ୍ତି ଯେ, ହ. ସାହେବ 1884 ମସିହାରେ ଇଚ୍ଛା ପ୍ରକାଶ ଯେ, ଆପଣ କାଦିୟାନ୍‌ରୁ ବାହାରକୁ ଯାଇ ଏକ ସ୍ଥାନରେ ଚିଲ୍ଲାକଶୀ (ଚାଳିଶ ଦିନ ପର୍ଯ୍ୟନ୍ତ ଏକାନ୍ତବାସ ରହି ପ୍ରଭୁଙ୍କ ଉପାସନା କରିବା) କରିବେ ଏବଂ ଭାରତ ଭ୍ରମଣ ମଧ୍ୟ ହୋଇଯିବ । ସୁତରାଂ ଆପଣ ଅ.ସ ଚାହିଁଲେ ଯେ, ଆପଣ ଗୁରଦାସପୁର ଜିଲ୍ଲା ଅନ୍ତର୍ଗତ ଶୁଜାନପୁର ଠାରେ ଯାଇ ଏକାନ୍ତ ବାସରେ ରହିବେ । ଏଥି ସଂକ୍ରାନ୍ତରେ ମିଆଁ ଅବଦୁଲ୍ଲାଃ ର.ଅ କୁହନ୍ତି ଯେ, ହୁଜୁର୍ ଅ.ସ ସ୍ୱହସ୍ତ ଲିଖିତ ଏକ ପୋଷ୍ଟକାର୍ଡ଼ ମୋତେ ପ୍ରେରଣ କଲେ । ତେବେ ମୁଁ କହିଲି, ହୁଜୁର୍ ! ଆପଣ ଅ.ସ ମୋତେ ମଧ୍ୟ ଉକ୍ତ ଯାତ୍ରାରେ ନିଜ ସାଙ୍ଗରେ ରଖନ୍ତୁ । ହୁଜୁର ଅ.ସ ତାଙ୍କର ନିବେଦନକୁ ସ୍ୱୀକାର କରିନେଲେ । କିନ୍ତୁ ହୁଜୁର୍ ଅ.ସଙ୍କ ଶୁଜାନପୁର ଯାତ୍ରା ସଂପର୍କରେ ଇଲହାମ୍ ହେଲା ଯେ, "ହେ ପ୍ରତିଶ୍ରୁତ ମସିହ୍ ! ତୁମ୍ଭ ସମସ୍ୟାର ସମାଧାନ ହୋଶିୟାରପୁର ଠାରେ ହେବ। ସୁତରାଂ ଆପଣ ଅ.ସ ଶୁଜାନ୍‌ପୁର ଯିବାର ଇଚ୍ଛାକୁ ପରିତ୍ୟାଗ କରିଦେଲେ ଏବଂ ହୋଶିୟାରପୁ ଯିବା ନିମନ୍ତେ ସ୍ଥିର କଲେ । ଯେତେବେଳେ ଆପଣ ଅ।ସ ଜାନୁୟାରୀ ମାସ 1886 ମସିହାରେ ହୋଶିୟାର୍‌ପୁର ଯିବାକୁ ଲାଗିଲେ ସେତେବେଳେ ମୋତେ ଅର୍ଥାତ୍ ମିଆଁ ଅବଦୁଲ୍ଲାଃ ସାହେବଙ୍କୁ ପତ୍ର ଲେଖି ହୁଜୁର୍ ଅ.ସ କାଦିୟାନ୍ ଡକାଇଲେ ଏବଂ ଶେଖ୍ ମେହେର୍ ଅଲୀ ସାହେବ ଯେକି ହୋଶିୟାର୍‌ପୁରର ଧନାଢ୍ୟ ବ୍ୟକ୍ତି ଥିଲେ, ତାଙ୍କୁ ପତ୍ର ଲେଖିଲେ ଯେ, ମୁଁ ଦୁଇ ମାସ ପାଇଁ ହୋଶିୟାର୍‌ପୁର ଆସିବାକୁ ଚାହୁଁଛି । ଆପଣ ଏପରି ଏକ ବାସ ଭବନର ବ୍ୟବସ୍ଥା କରି ଦିଅନ୍ତୁ ଯାହା ସହରର ପ୍ରାନ୍ତ ଠାରେ ଅବସ୍ଥିତ ଥିବ ଏବଂ ତହିଁରେ (ସେହି ବାସ ଭବନରେ) ଉପର ମହଲା ମଧ୍ୟ ଥିବ । ଦୁଇ ମହଲା ଥିବା ଉକ୍ତ ବାସ ଭବନଟି ସହରର ବାହାରେ ଅର୍ଥାତ୍ ଶେଷ ମୁଣ୍ଡରେ ଅବସ୍ଥିତ ଥିଲା। ଅତଏବ୍ ମେହେର ଅଲୀ ଶାହ୍ ସାହେବ ତାଙ୍କର ଏକ ବାସ ଭବନ ଯାହା ତୱେଲା ନାମରେ ଖ୍ୟାତ ଥିଲା ତାହାକୁ ଖାଲି କରାଇଦେଲେ। ହୁଜୁର୍ ଅ.ସ ବହେଲୀ(ଛୋଟ ବଳଦ ଗାଡ଼ି)ରେ ବସି ବ୍ୟାସ ନଦୀ ବାଟ ଦେଇ ଅଗ୍ରସର ହେଲେ । ମିଆଁ ଅବଦୁଲ୍ଲାଃ ସାହେବ ର.ଅ କୁହନ୍ତି ଯେ, ମୁଁ, ଶେଖ୍ ହାମିଦ୍ ଅଲୀ ର.ଅ ଓ ଫତହ୍ ଖାନ୍ ସାହେବ ତିନି ଜଣ ସାଙ୍ଗରେ ଥିଲୁ । ଫତହ୍ ଖାନ୍ ରସୁଲ୍ ପୁର ସହିତ ସଂଲଗ୍ନ ଟାଣ୍ଡା ଗ୍ରାମ ଅନ୍ତର୍ଗତ ହୋଶିୟାରପୁର୍ ଜିଲ୍ଲାର ଅଧିବାସୀ ଥିଲେ ଏବଂ ସେ ହୁଜୁରଙ୍କ ଶିଷ୍ୟ ଥିଲେ। କିନ୍ତୁ ପରବର୍ତ୍ତୀ କାଳରେ ଦୁର୍ଭାଗ୍ୟବଶତଃ ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲୱୀ ପ୍ରଭାବରେ (ସଂସ୍ପର୍ଶରେ) ଆସି ମୁର୍ତଦ୍ଦ୍ (ବିଦ୍ରୋହୀ) ହୋଇଗଲା । ହୁଜୁର୍ ଅ.ସ ଯେତେବେଳେ ସେଠାରେ ଦରିୟା (ନଈ) ପାରି ହୋଇ ପହଞ୍ଚିଲେ ସେତେବେଳେ ଆପଣ ଅ.ସ ନଈ ଅତିକ୍ରମ କରିବା ନିମନ୍ତେ ସେ ଏକ ଡଙ୍ଗା ଭଡ଼ାରେ ନେଲେ । ଯେତେବେଳେ ଡଙ୍ଗା ଚାଲୁଥିଲା ସେତେବେଳେ ହୁଜୁର୍ ଅ.ସ ମୋତେ ସମ୍ବୋଧିତ କରି କହିଲେ, ମିଆଁ ଅବଦୁଲ୍ଲାଃ ! ପରିପୂର୍ଣ୍ଣ ବ୍ୟକ୍ତିର ସାହଚର୍ଯ୍ୟବ୍ଦ ଠିକ୍ ଏହି ନଈର ଯାତ୍ରା ପରି ଯହିଁରେ ଅତିକ୍ରମ ବା ପାର ହେବାର ମଧ୍ୟ ଆଶା ରହିଛି ଏବଂ ନଈରେ ବୁଡ଼ିଯିବାର ସମ୍ଭାବନା ମଧ୍ୟ ରହିଛି । ଅର୍ଥାତ୍ ଯେଉଁ ବ୍ୟକ୍ତି ସଂପୂର୍ଣ୍ଣ, ମହାନ୍ ଏବଂ ସାଧୁ ସନ୍ଥ ଅଟନ୍ତି ତାହାଙ୍କ ସାହାଚର୍ଯ୍ୟବ୍ଦରେ ଥିବା ବ୍ୟକ୍ତିର ପରିଣାମ ଦୁଇ ପ୍ରକାରର ହୋଇପାରେ । ଅର୍ଥାତ୍ ସେହି ବ୍ୟକ୍ତି ପାରି ହୋଇପାରିବ (ସଫଳ ହୋଇପାରିବି) ଏବଂ ଅସଫଳ ମଧ୍ୟ ହୋଇ ପାରିବି । ଅର୍ଥାତ୍ ଆମେମାନେ (ଡଙ୍ଗାରେ ବସିଥିବା ମସିହ୍ ମଉଦ ଅ.ସ ଏବଂ ଆପଣ ଅ.ସଙ୍କର ଅନୁଚରମାନେ) ଯେପରି ଡଙ୍ଗା ଉପରେ ବସି ନଈ ଅତିକ୍ରମ କରୁଛେ, ଏହି ଡଙ୍ଗା ଆମକୁ ନଈରେ ବୁଡ଼ାଇ ମଧ୍ୟ ପାରିବ ଏବଂ ଆମକୁ ନଈ ଅତିକ୍ରମ କରିବାରେ ସହାୟକ ମଧ୍ୟ ହୋଇପାରିବ । ଉଭୟ ପ୍ରକାରର ପରିଣାମ ଅଟେ ।" ମହୋଦୟ କୁହନ୍ତି ମୁଁ ହୁଜୁର୍ ଅ.ସଙ୍କ ଉକ୍ତ କଥା ସଂକ୍ଷିପ୍ତ ଆକାରରେ ଶୁଣିଲି। କିନ୍ତୁ ଯେତେବେଳେ ଫତହ୍ ଖାନ୍ ମୁରତଦ୍ (ଧର୍ମଦ୍ରୋହୀ ବା ବିଦ୍ରୋହୀ) ହୋଇଗଲା ସେତେବେଳେ ମୋତେ ହୁଜୁର୍ ଅ.ସଙ୍କ ଉକ୍ତ କଥାଟି ମନେପଡ଼ିଲା । ସେ ଯାହା ହେଉ ଆମେମାନେ ବାଟରେ ଫତହ୍ ଖାନର ଗାଁରେ ଅବସ୍ଥାନ କରି ତା' ଆର (ପରବର୍ତ୍ତୀ) ଦିନ ହୋଶିୟାରପୁର ପହଞ୍ଚିଲେ । ସେଠାରେ ଯିବା ମାତ୍ରେ ହୁଜୁର୍ ଅ.ସ ତୱେଲାର ଉପର ମହଲାରେ ଅବସ୍ଥାନ କଲେ ଏବଂ ଆପଣଅ ଅ.ସ ଉପରେ ଏଇଥି ପାଇଁ ଅବସ୍ଥାନ କଲେ ଯେ, ଆମ ମଧ୍ୟରେ କଳି ଝଗଡ଼ା ଯେପରି ନହେଉ । ହୁଜୁର୍ ଅ.ସ ଆମ ତିନିଜଣଙ୍କ ପାଇଁ ପୃଥକ୍ ପୃଥକ୍ କୋଠରୀ ଧାର୍ଯ୍ୟ କରିଦେଲେ । ହୁଜୁର୍ ଅ.ସ ମୋତେ ଖାଦ୍ୟ ରାନ୍ଧିବାର ଦାୟିତ୍ୱ ଦେଲେ । ଫତହ୍ ଖାନ୍ ସାହେବଙ୍କୁ ବଜାରରୁ ସଉଦା ଏବଂ ପନି ପରିବା ଆଣିବାର ଦାୟିତ୍ୱ ପ୍ରଦାନ କଲେ ଓ ଶେଖ୍ ହାମିଦ୍ ଅଲୀ ସାହେବଙ୍କୁ ଉପର ମହଲାର କାମ ତଥା ଯାଆ ଆସ କରୁଥିବା ଅତିଥିଙ୍କ ଅତିଥି ସତ୍କାର କରନ୍ତୁ। ଏତଦପରେ ହ. ମସିହ୍ ମଉଦ୍ ଅ.ସ ହସ୍ତ ଲିଖିତି ଇସ୍ତହାରରେ ଘୋଷଣା କରାଇ ଦେଲେ ଯେ, "ଏତଦ୍ଦ୍ୱରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଦୟାକରି 40 ଦିନ ପର୍ଯ୍ୟନ୍ତ ମୋତେ (ହ. ମସିହ୍ ମଉଦ୍ ଅ.ସଙ୍କୁ) କୌଣସି ବ୍ୟକ୍ତି ଦେଖା ସାକ୍ଷାତ୍ କରିବା ପାଇଁ ଆସନ୍ତୁ ନାହିଁ ଓ ମୋତେ ନିମନ୍ତ୍ରଣ ପାଇଁ ଡାକନ୍ତୁ ନାହିଁ (ନିମନ୍ତ୍ରଣ ଦିଅନ୍ତୁ ନାହିଁ) । 40 ଦିନ ଅତିବାହିତ ହେବା ପରେ ମୁଁ ଏଠାରେ ଅତିରିକ୍ତ 20 ଦିନ ରହିବି । ଏହି 20 ଦିନରେ ଯେଉଁମାନେ ମୋତେ ଭେଟ ତଥା ସାକ୍ଷାତ୍ କରିବାକୁ ଇଚ୍ଛୁକ ଅଟନ୍ତି, ସେମାନେ ମୋତେ ଭେଟ କରି ପାରିବେ ଏବଂ ଯେଉଁମାନେ ମୋତେ ଆହାର ପାଇଁ ଆମନ୍ତ୍ରିତ କରିବାକୁ ଚାହୁଁଛନ୍ତି ସେମାନେ ମୋତେ ଆମନ୍ତ୍ରିତ କରିପାରିବେ । ସେହିପରି ଯେଉଁମାନେ ମୋତେ କିଛି ପ୍ରଶ୍ନ ଉତ୍ତର ପଚାରିବାକୁ ଚାହୁଁଛନ୍ତି ସେମାନେ ମୋତେ ପ୍ରଶ୍ନ ପଚାରି ପାରିବେ । ହ. ସାହେବ ଅ.ସ (ହୁଜୁର୍ ଅ.ସ) ଆମମାନଙ୍କୁ ଆଦେଶ ଦେଲେ ଯେ, ଗୃହର ମୁଖ୍ୟ ଦୁଆରରେ ସର୍ବଦା ଝିଞ୍ଜିର ଲାଗିଥିବା ଉଚିତ୍ । ଅର୍ଥାତ୍ ଭିତର ପଟୁ କବାଟ ବନ୍ଦ ରହିବା ଉଚିତ୍ । ଘରେ ମଧ୍ୟ ମୋତେ କୌଣସି ବ୍ୟକ୍ତି ନଡ଼ାକୁ। ମୁଁ ଯଦି କୌଣସି ବ୍ୟକ୍ତିକୁ ଡାକେ ତେବେ ସେହି ବ୍ୟକ୍ତି ସେତିକି ହିଁ ଉତ୍ତର ଦେଉ ଯେତିକି ମୁଁ ତା'କୁ ପ୍ରଶ୍ନ ପଚାରିବି । ଉପର ମହଲାରେ ମୋ ପାଖକୁ କେହି ଯେପରି ନଆସୁ ।" ସେ ଯାହା ହେଉ ଆପଣ ଅ.ସ ପୁନଶ୍ଚ କହିଲେ : "ମୋର ଆହାର ଉପର ମହାଲକୁ ପହଞ୍ଚାଇ ଦିଆଯାଉ ଏବଂ ମୋର ଆହାର ସେବନ (ଖାଇବା) ନିମନ୍ତେ ଅପେକ୍ଷା ନକରାଯାଆଉ ଯେ, ମୁଁ ଖାଇନେବି । ମୁଁ ଯେତେବେଳେ ଖାଇ ନେବି ଏବଂ ବାସନ ଥୋଇଦେବି ସେତେବେଳେ ଆସି ଅନ୍ୟ ସମୟରେ ନେଇଯିବ । ମୁଁ ନିଜେ ଉପରେ ନମାଜ ପାଠ କରିବି । କାରଣ ମୁଁ ଚିଲ୍ଲା ସମୟ (40 ଦିନର ସମୟ) ଅତିବାହିତ କରୁଛି । ତେଣୁ ମୁଁ ଉପରେ ନିଜର ନମାଜ୍ ପାଠ କରିବି ଏବଂ ତୁମେମାନେ ତଳେ ଏକାଠି ହୋଇ ନମାଜ୍ ପାଠ କରିନେବେ ।" ସେ ଯେହା ହେଉ ଜୁମା ନମାଜ୍ ନିମନ୍ତେ ଆପଣ ଅ.ସ କହିଲେ: "ଜୁମା ଯେହେତୁ ଜରୁରୀ ଅଟେ ତେଣୁ କୌଣସି ପରିତ୍ୟକ୍ତ ମସଜିଦ୍ ଖୋଜ ଯେଉଁ ମସଜିଦ୍ ସହରର ଗୋଟିଏ ପାର୍ଶ୍ୱରେ ଅବସ୍ଥିତ ଥିବ, ଯେଉଁଠି ଆମେମାନେ ପୃଥକ୍ ହୋଇ ନମାଜ୍ ପାଠ କରିପାରିବୁ । ସୁତରାଂ ସହର ବାହାରେ ଏକ ଉଦ୍ୟାନ ଥିଲା ଯହିଁରେ ଏକ ଛୋଟିଆ ପରିତ୍ୟକ୍ତ ମସଜିଦ ଥିଲା ସେଠାକୁ ଆପଣ ଅ.ସ ଜୁମା ଦିନ ପ୍ରସ୍ଥାନ କରୁଥିଲେ । ଆପଣ ଅ.ସ ଆମମାନଙ୍କୁ ସେଠାରେ ନମାଜ ପାଠ କରାଉଥିଲେ ଏବଂ ଖୁତ୍‌ବା ମଧ୍ୟ ଦେଉଥିଲେ ।"

ମିଆଁ ଅବଦୁଲ୍ଲାଃ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହ. ମସିହ୍ ମଉଦ୍ ଅ.ସଙ୍କୁ ଆହାର ଦେବା ନିମନ୍ତେ ଉପରକୁ ଯାଉଥିଲି ଏବଂ ହୁଜୁର୍ ଅ.ସଙ୍କ ସହିତ କୌଣସି କଥାବାର୍ତ୍ତା କରୁ ନଥିଲି । କିନ୍ତୁ ହୁଜୁର୍ ଅ.ସ ମୋ ସହିତ ଯେତେବେଳେ କିଛି କଥାବାର୍ତ୍ତା ହେଉଥିଲେ ଓ କିଛି ପଚାରୁଥିଲେ ସେତେବେଳେ ମୁଁ ଉତ୍ତର ଦେଇ ଦେଉଥିଲି । ଏକଦା ହ. ସାହେବ ଅ.ସ ମୋତେ କହିଲେ, ମିଆଁ ଅବଦୁଲ୍ଲାଃ ! ଏହି ଦିନମାନଙ୍କରେ ମୋ ଉପରେ ଈଶ୍ୱରଙ୍କର ବଡ଼ ବଡ଼ କୃପାର ଦ୍ୱାର ଉନ୍ମୁକ୍ତ ହୋଇଛି। ସେହିପରି ବେଳେବେଳେ ଅଧିକ ସମୟ ପର୍ଯ୍ୟନ୍ତ ଈଶ୍ୱର ମୋ ସହିତ କଥାବାର୍ତ୍ତା କରୁଥିଲେ । ଯଦି ସେହିସବୁ ଘଟଣାବଳୀକୁ ଉଲ୍ଲେଖ କରାଯାଏ ତେବେ ତାହା ଅନେକ ପୃଷ୍ଠା ହୋଇଯିବ । ସୁତରାଂ ମିଆଁ ଅବଦୁଲ୍ଲାଃ ସାହେବ ର.ଅ କୁହନ୍ତି ଯେ, ଏହି ଚିଲ୍ଲାକଶୀ ସମୟରେ ପିସ୍‌ରେ ମଉଦ୍ (ପ୍ରତିଶ୍ରୁତ ସନ୍ତାନ) ସଂପର୍କରେ ମଧ୍ୟ ଆପଣ ଅ.ସଙ୍କ ଉପରେ (ଏହି ଚିଲ୍ଲାକଶୀ ସମୟରେ ହିଁ) ଐଶୀବାଣୀ ହୋଇଥିଲା। ଏହା 1886 ମସିହା ଫେବୃୟାରୀ ମାସ 20 ତାରିଖ ଦିନର ଇସ୍ତହାର ଅଟେ ଯାହାକି ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ନାମରେ ମଧ୍ୟ ଖ୍ୟାତ ଅଟେ । ଆଜି ମଧ୍ୟ ଦୈବାତ୍

ଅଲ୍ଲାଃତାଲାଙ୍କ ବାଣୀ

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

20 ଫେବୃୟାରୀର ଦିନ ଅଟେ ଏବଂ ପିସରେ ମଉଦ୍‌ର ଭବିଷ୍ୟବାଣୀ ଅତ୍ୟନ୍ତ ବୈଭବ୍ୟତାର ସହିତ ସଂପୂର୍ଣ୍ଣ ହେବାର ଦିନ ମଧ୍ୟ ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁ ପିସ୍‌ରେ ମଉଦଙ୍କ ଜନ୍ମ ଗ୍ରହଣ ହୋଇଥିଲା ତାହା ଭବିଷ୍ୟବାଣୀ ଅନୁଯାୟୀ ଥିଲା । 52 ବର୍ଷ ଖିଲାଫତ୍‌ର କାଳ ଆପଣ ର.ଅ (ହ. ମୁସ୍‌ଲେହ୍ ମଉଦ୍ ର.ଅ)ଙ୍କ ଥିଲା । ଏହି କାର୍ଯ୍ୟକାଳ ମଧ୍ୟରେ ଅଲ୍ଲାଃତାଲା ଆପଣ ଅ.ସଙ୍କୁ ସଫଳତା ଦ୍ୱାରା ପୁରସ୍କୃତ ଏବଂ ସମ୍ମାନିତ କଲେ । ଯେଉଁସବୁ ଭବିଷ୍ୟବାଣୀ, ଐଶୀବାଣୀ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ପେଶ୍‌ଗୋଇ ମୁସଲେହ୍ ମଉଦ୍ ମଧ୍ୟରେ ନିହିତ ରହିଥିଲା ତାହା ହ. ମିର୍ଜା ବଶୀରୁଦ୍ଦୀନ୍ ମହମୁଦ୍ ଅହମଦ୍ ର.ଅଙ୍କ ମଧ୍ୟରେ ଅର୍ଥାତ୍ ହ. ମୁସଲେହ୍ ମଉଦ୍ ର.ଅଙ୍କ ମଧ୍ୟରେ ହିଁ ସଂପୂର୍ଣ୍ଣ ହେଲା । ଏହି ଘଟଣା ବା ଭାବସାମ୍ୟ ମୁଁ ଏଇଥି ପାଇଁ କହୁଛି ଯେ, ଉକ୍ତ ଘଟଣାଟି ଠିକ୍ ଆଜିକା ଦିନରେ ହିଁ ମୋ ସମ୍ମୁଖକୁ ଆସି ଯାଇଛି । ଅନ୍ୟଥା ତାରିଖ ଆଗ ପଛ ମଧ୍ୟ ଆସିପାରି ଥାଆନ୍ତା । କିନ୍ତୁ ତହିଁରେ ଅଲ୍ଲାଃତାଲାଙ୍କର ଏହି ତତ୍ତ୍ୱ ତଥା ରହସ୍ୟ ନିହିତ ଥିଲା ଯେ, ଉକ୍ତ ତାରିଖଟି ଆଜିକା ଦିନରେ ହିଁ ଆସୁ ଏବଂ ସେହି ଘଟଣାକୁ ମୁଁ ବର୍ଣ୍ଣନା ମଧ୍ୟ କରିଦେବି । ଆପଣ ଅ.ସ ହୋଶିୟାର୍‌ପୁର ଗଲେ ଏବଂ ସେଠାରେ ଚିଲ୍ଲାକଶୀ ମଧ୍ୟ କଲେ । ଫଳତଃ ଆପଣ ଅ.ସଙ୍କୁ ସେଠାରେ ଅନେକ ଶୁଭ ସୂଚନା ପ୍ରଦାନ କରାଗଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ପୃଥିବୀ ବ୍ୟାପୀ ଜମାଅତ୍‌ମାନଙ୍କରେ ୟୌମେ ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଜଲ୍‌ସା ଆୟୋଜିତ ହେଉଅଛି ଏବଂ ତହିଁରୁ ଇତିହାସ ସଂପର୍କରେ ମଧ୍ୟ ସୂଚନା ମିଳିଥାଏ । ଏମ୍.ଟି.ଏରେ ମଧ୍ୟ ତତ୍‌ସଂପର୍କିତ କାର୍ଯ୍ୟକ୍ରମ ପ୍ରସରିତ ହୋଇଥାଏ । ତହିଁରୁ ଇତିହାସ ସଂପର୍କରେ ମଧ୍ୟ ସୂଚନା ପ୍ରାପ୍ତ ହୋଇଥାଏ । ତେଣୁ ସେହି କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ଦେଖିବା ଉଚିତ୍ । ହୁଜୁର୍ ଅନୱର୍ ଅ.ବ କହିଲେ, ସେ ଯାହା ହେଉ ଯେତେବେଳେ 40 ଦିନ ବିତିଗଲା ସେତେବେଳେ ଆପଣ ଅ.ସ ଘୋଷଣା ଅନୁଯାୟୀ ଅତିରିକ୍ତ 20 ଦିନ ସେଠାରେ ଅର୍ଥାତ୍ ହୋଶିୟାର୍‌ପୁର ଠାରେ ଅବସ୍ଥାନ କଲେ । ସେହି ଦିନମାନଙ୍କରେ ଅନେକ ଲୋକମାନେ ମସିହ୍ ମଉଦ୍ ଅ.ସଙ୍କୁ ଦାୱତ୍ (ଭୋଜନ ନିମନ୍ତେ ନିମନ୍ତ୍ରଣ) ମଧ୍ୟ କଲେ। ଅନେକ ଲୋକମାନେ ଧାର୍ମିକ ମତଧାରାର ଆଦାନପ୍ରଦାନ କରିବା ନିମନ୍ତେ ଆସିଲେ ଏବଂ ବାହାରୁ ହୁଜୁର୍ ଅ.ସଙ୍କୁ ଭେଟିବା ନିମନ୍ତେ ଅନେକ ପୁରଣା ଅତିଥିମାନେ ମଧ୍ୟ ଆସିଲେ । ସେହି ଦିନମାନଙ୍କରେ ମୁରଲୀ ଧର ନାମକ ଜଣେ ବ୍ୟକ୍ତି ସହିତ ଆପଣ ଅ.ସ ମୁବାହସା (ବିତର୍କ କଲେ) ହେଲା । ଏହାର ଚର୍ଚ୍ଚା "**ସୁର୍‌ମା ଚଶମା ଆରୟା**"ରେ ଉଲ୍ଲିଖିତ ହୋଇଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଦୁଇ ମାସର ଅବଧି ବିତିଗଲା ସେତେବେଳେ ହୁଜୁର୍ ଅ.ସ ସେହି ବାଟ ଦେଇ କାଦିୟାନ୍ ଅଭିମୁଖେ ବାହାରିଗଲେ। ହୋଶିୟାର୍‌ପୁର ଠାରୁ 5 ମାଇଲ୍ ଦୂରତାରେ ଜଣେ ମହାପୁରୁଷଙ୍କର କବର ରହିଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ଆଉ ଏକ ଘଟଣା ମଧ୍ୟ ଉଲ୍ଲିଖିତ ହୋଇଛି। ସେହି ଘଟଣାଟି ଏହିପରି ଯେ, ଯାତ୍ରା ସମୟରେ ଯେଉଁଠି ଉଦ୍ୟାନ ପରି ଥିଲା ସେଠାରେ ପହଞ୍ଚି ହୁଜୁର୍ ଅ.ସ କିଛି ସମୟ ପାଇଁ ବଳଦ ଗାଡ଼ିରୁ ଓହ୍ଲାଇ ଆସିଲେ ଏବଂ କହିଲେ: "ଏହି ସ୍ଥାନଟି ଅତ୍ୟନ୍ତ ଉତ୍କୃଷ୍ଟ ଛାୟାପୂର୍ଣ୍ଣ ସ୍ଥାନ ଅଟେ । ଏଠାରେ କିଛି ସମୟ ପାଇଁ ଆମେ ଟିକେ ରହିଯିବା (ବିଶ୍ରାମ କରିନେବା) । ଏହାପରେ ହୁଜୁର ଅ.ସ କବର୍ ଅଭିମୁଖେ ପ୍ରସ୍ଥାନ କଲେ ଏବଂ କୁହାଯାଏ ଯେ, ସେହି କବରଟି ଜଣେ ମହାପୁରଷଙ୍କର କବର ଅଟେ । ମିଆଁ ଅବ୍‌ଦୁଲ୍ଲାଃ ସାହେବ ର.ଅ କୁହନ୍ତି: "ମୁଁ ମସିହ୍ ମଉଦ୍ ଅ.ସଙ୍କ ପଛେ ପଛେ ଗଲି ଏବଂ ଶେଖ୍ ହାମିଦ୍ ଅଲୀ ଏବଂ ଫତହ୍ ଖାନ୍ ବଳଦ ଗାଡ଼ି ପାଖରେ ହିଁ ରହିଲେ । ଆପଣ ଅ.ସ ମକ୍‌ବରାହ୍ ପାଖରେ ପହଞ୍ଚି କବାଟ ଖୋଲି ଭିତରକୁ ପ୍ରବେଶ କଲେ ଏବଂ କବର ମୁଣ୍ଡ ପାଖରେ ଛିଡ଼ା ହୋଇ ଦୁଆ ନିମନ୍ତେ ଯେତେବେଳେ ହାତ ଉପରକୁ ଉଠାଇଲେ ଓ କିଛି ସମୟ ପର୍ଯ୍ୟନ୍ତ ଦୁଆ କରୁଥିଲେ । ଅତଏବ୍ ହୁଜୁର୍ ଅ.ସ ଯେତେବେଳେ ମକବରାହ୍ ପାଖରୁ ଫେରିଲେ ଏବଂ ମୋତେ ସମ୍ବୋଧିତ କରି କହିଲେ, ମିଆଁ ଅବ୍‌ଦୁଲ୍ଲାଃ ! ମୁଁ ଦୁଆ କରିବା ନିମନ୍ତେ ଯେତେବେଳେ ହାତ ଉପରକୁ ଉଠାଇଲି ସେହି କବର ମଧ୍ୟରେ ଥିବା ମହା ପୁରୁଷ କବର ମଧ୍ୟରୁ ବାହାରି ଆସି ମୋ ସମ୍ମୁଖରେ ଆଣ୍ଠୁ ମାଡ଼ି ବସିଗଲେ । ଯଦି ଆପଣ ମୋ ସହିତ ନଥାଆନ୍ତେ ତେବେ ମୁଁ ତାଙ୍କ ସହିତ କଥାବାର୍ତ୍ତା ମଧ୍ୟ କରିନେଇ ଥାଆନ୍ତି । ତାଙ୍କର ଚକ୍ଷୁ ବଡ଼ ବଡ଼ ଏବଂ ଶରୀରର ରଙ୍ଗ କୃଷ୍ଣ ବର୍ଣ୍ଣ ଅଟେ । ଆପଣ ଅ.ସ ପୁନଶ୍ଚ କହିଲେ, ଦେଖ ଦେଖ ! ଯଦି ଏଠାରେ କୌଣସି ଦର୍‌ଗାହ୍‌ର ସେବକ ଅଛନ୍ତି କି, ଯାହାଙ୍କୁ ଆମେ କବର୍ ମଧ୍ୟସ୍ଥ ଥିବା ମହାପୁରୁଷଙ୍କ ସଂପର୍କରେ କିଛି କଥା ପଚାରି ନେବା ? ସୁତରାଂ ହୁଜୁର୍ ଅ.ସ ସେହି ଦର୍‌ଗାହ୍‌ର ସେବକକୁ ପଚାରିଲେ । ସେ ଏହି ଉତ୍ତର ଦେଲା ଯେ, ମୁଁ କବର୍ ମଧ୍ୟରେ ଥିବା ମହାପୁରୁଷଙ୍କୁ ତ' ନିଜେ ଦେଖି ନାହିଁ । କାରଣ ମହାପୁରୁଷଙ୍କ ମୃତ୍ୟୁକୁ 100 ବର୍ଷ ବିତି ଗଲାଣି । ହଁ ମୁଁ ନିଜର ବାପ ଅଜାଙ୍କୁ ଠାରୁ ଏହା ଶୁଣିଛି ଯେ, ଏହି ମହାପୁରଷ ଏହି ଅଞ୍ଚଳରେ ଜଣେ ସଦାଚାରୀ ବ୍ୟକ୍ତି ଥିଲେ ଏବଂ ସମଗ୍ର ଅଞ୍ଚଳରେ ତାଙ୍କର ଯଥେଷ୍ଟ ଖ୍ୟାତି ଏବଂ ଆଦପତିତ୍ୱତା ରହିଥିଲା । ହୁଜୁର୍ ଅ.ସ ପଚାରିଲେ ଯେ, ତାଙ୍କର ମୁଖମଣ୍ଡଳ କିପରି ଥିଲା ? ସେ କହିବାକୁ ଲାଗିଲା ଯେ, ମୁଁ ଶୁଣିଛି ଯେ, ସେହି ମହାପୁରୁଷ ଜଣକ ଶ୍ୟାମଳ ବର୍ଣ୍ଣ ଥିଲେ ଏବଂ ତାଙ୍କର ବଡ଼ ବଡ଼ ଚକ୍ଷୁ ଥିଲା ।" ମିଆଁ ଅବ୍‌ଦୁଲ୍ଲାଃ ସାହେବ କୁହନ୍ତି: "ଏହା ପରେ ଆମେମାନେ ସେଠାରୁ ବାହାରି ପଡ଼ିଲୁ ଏବଂ କାଦିୟାନ୍ ଆସି ପହଞ୍ଚିଲୁ । ହ. ମସିହ୍ ମଉଦ୍ ଅ.ସ ସେହି ମହାପୁରଷଙ୍କ ସଂପର୍କରେ ଯେଉଁ କଥା କହିଥିଲେ ସେହି ସବକ ଜଣକ ଠିକ୍ ସେହିପରି ମହାପୁରୁଷଙ୍କ ମୁଖମଣ୍ଡଳ ସଂପର୍କରେ ବର୍ଣ୍ଣନା କଲା । ଅର୍ଥାତ୍ ସେହି ମହାପୁରୁଷ ହ. ମସିହ୍ ମଉଦ୍ ଅ.ସଙ୍କ ସମ୍ମୁଖରେ ବସି ଯାଇଥିଲେ ଏବଂ ମସିହ୍ ମଉଦ୍ ଅ.ସ ସେହି ମହାପୁରୁଷଙ୍କୁ ଦେଖିଥିଲେ ଓ ତାଙ୍କର ମୁଖମଣ୍ଡଳ ତଥା ବଡ଼ ବଡ଼ ଚକ୍ଷୁକୁ ଦେଖିଥିଲେ। କେତେକ ଲୋକମାନେ କୁହନ୍ତି ଯେ, ମୃତ ବ୍ୟକ୍ତିମାନଙ୍କ ସହିତ କେତେକ ପୁଣ୍ୟବାନ୍ ତଥା ସଦାଚାରୀ ବ୍ୟକ୍ତିମାନେ, ସାଧୁ ସନ୍ଥମାନେ ଏବଂ ଅବତାରମାନେ ଏହିପରି ହିଁ କଥାବାର୍ତ୍ତା ହୋଇଥାଆନ୍ତି ଏବଂ କେତେକ ମୃତ ବ୍ୟକ୍ତିମାନେ ପୁଣ୍ୟବାନ୍ ତଥା ସଦାଚାରୀ ବ୍ୟକ୍ତିମାନେ, ସାଧୁ ସନ୍ଥମାନେ ଏବଂ ଅବତାରମାନଙ୍କୁ ଦୃଶ୍ୟମାନ ମଧ୍ୟ ହୁଅନ୍ତି । ଏହା ଅଲ୍ଲାଃତାଲାଙ୍କର ନିଜସ୍ୱ ଶୈଳୀ (ଲୀଳା) ଅଟେ । ସେ ଯାହା ହେଉ ଏହି ଯାତ୍ରାଟି ଶେଷ ହେଲା ଏବଂ ସେମାନେ କାଦିୟାନ୍ ପହଞ୍ଚିଲେ ।"

ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ କୁହନ୍ତି: "ମୁଁ ଉକ୍ତ ଯାତ୍ରା ସଂପର୍କରେ ମିଆଁ ଅବ୍‌ଦୁଲ୍ଲାଃ ସାହେବ ର.ଅଙ୍କୁ ପଚାରିଲି ଯେ, ହ. ସାହେବ ଉକ୍ତ ଏକାନ୍ତ ବାସ କାଳରେ କ'ଣ କରୁଥିଲେ ଏହଂ ଆପଣ ଅ.ସ କିପରି ଉପାସନା କରୁଥିଲେ ? ପ୍ରତ୍ୟୁତ୍ତରରେ ମିଆଁ ଅବ୍‌ଦୁଲ୍ଲାଃ ସାହେବ ର.ଅ କହିଲେ, ଏକଥା ମୋତେ ଜଣା ନାହିଁ । କାରଣ ଆପଣ ଅ.ସ ଉପର ମହଲାରେ ରହୁଥିଲେ ଏବଂ ମୋତେ (ଆମ ତିନି ଜଣଙ୍କୁ) ଉପରକୁ ଯିବା ନିମନ୍ତେ ଅନୁମତି ନଥିଲା । କେବଳ ଆହାର ଦେବ ନିମନ୍ତେ ମୁଁ ଯେତେବେଳେ ଉପରକୁ ଯାଉଥିଲି ସେତେବେଳେ ଅନୁମତି ନେଇ ଯାଉଥିଲି । ଏକଦା ମୁଁ ଯେତେବେଳେ ଖାଇବା ରଖିବା ନିମନ୍ତେ ଉପର ମହଲାକୁ ଗଲି ସେତେବେଳେ ହ. ସାହେବ ଅ.ସ କହିଲେ, ମୋତେ ଐଶୀବାଣୀ ହୋଇଛି ଯେ, بُورِكَ مَنْ فِيهَا وَمَنْ حَوْلَهَا ଏବଂ ଏହାର ବ୍ୟାଖ୍ୟା କଲେ ଯେ, مَنْ فِيهَاରୁ ଯଥାର୍ଥ ମୁଁ ଅଟେ । ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ଏବଂ مَنْ حَوْلَهَاରୁ ଯଥାର୍ଥ ତୁମେମାନେ ଅଟ । ଅର୍ଥାତ୍ ମୋ ସହିତ ତୁମେମାନେ ଅଟ। ମିଆଁ ଅବ୍‌ଦୁଲ୍ଲାଃ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ତ' ଦିନ ସାରା ଘରେ ରହୁଥିଲି। କେବଳ ଜୁମା (ଶୁକ୍ରବାର) ଦିନ ହୁଜୁର ଅ.ସଙ୍କ ସହିତ ବାହରକୁ ଯାଉଥିଲି ଏବଂ ଶେଖ୍ ହାମିଦ୍ ଅଲୀ ସାହେବ ମଧ୍ୟ ଅନେକ ସମୟ ଘରେ ହିଁ ରହୁଥିଲେ । କିନ୍ତୁ ଫତହ୍ ଖାନ୍ ଦିନ ତମାମ୍ ବାହାରେ ରହୁଥିଲା । ସମ୍ଭବତଃ ଏହି ଇଲ୍‌ହାମ୍ ବେଳେ ସେ ମଧ୍ୟ ବାହାରେ ଥିଲା ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ହ. ମିଆଁ ବଶୀର୍ ଅହମଦ୍ ସାହେବ ର.ଅଙ୍କ ଧାରଣା ଅଟେ । ମିଆଁ ଅବ୍‌ଦୁଲ୍ଲାଃ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ସେହି ଦିନମାନଙ୍କରେ ଫତହ୍ ଖାନ୍ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରତି ଏତେ ଆସ୍ଥା ବ୍ୟକ୍ତ କରୁଥିଲା ଯେ, ଆମମାନଙ୍କ ସହିତ କଥାବାର୍ତ୍ତା କଲାବେଳେ ସେ ଏହା କହୁଥିଲା ଯେ, "ମୁଁ ହ. ସାହେବ (ହ. ମସିହ୍ ମଉଦ୍ ଅ.ସ)ଙ୍କୁ ଅବତାର ବୋଲି ମନେକରୁଛି ଏବଂ ମୁଁ ଉକ୍ତ କଥା ଉପରେ ପୁରାତନ ଆସ୍ଥା ଅନୁଯାୟୀ ଦ୍ୱନ୍ଦ୍ୱ ପ୍ରକାଶ କରୁଥିଲି ତଥା ଘାବରୋଉଥିଲି ଯେ, ନବୀ (ଅବତାର) କିପରି ଆସି ପାରିବ ? ବର୍ତ୍ତମାନ ତ' ଆଉ କୌଣସି ଅବତାର ଆସି ପାରିବ ନାହିଁ । କିନ୍ତୁ ଯେତେବେଳେ ଫତହ୍ ଖାନ୍ ଆପଣ ଅ.ସଙ୍କ ହସ୍ତରେ ବୈଅତ୍ କରି ନଥିଲା, ଯେତେବେଳେ ଆପଣ ଅ.ସ ନବୁୱତ୍‌ର (ଅବତାରତ୍ୱର) ଦାବି କରି ନଥିଲେ ସେତେବେଳେ ମଧ୍ୟ ସେ ଆପଣ ଅ.ସଙ୍କୁ ବିଶ୍ୱାସ କରୁଥିଲା ଏବଂ ଆପଣ ଅ.ସଙ୍କୁ ନବୀ (ଅବତାର) ବୋଲି କହୁଥିଲା । ଏହି କଥା ତିନି ଚାରି ବର୍ଷ ତଳର କଥା ଅଟେ । କିନ୍ତୁ ଫତହ୍ ଖାନ ଯେତେବେଳେ ମାର୍ଗଚ୍ୟୁତ ହେଲା ସେତେବେଳେ ସେ ଧର୍ମଦ୍ରୋହୀ ପାଲଟିଗଲା । ତେଣୁ ମନୁଷ୍ୟକୁ ସର୍ବଦା ନିଜର ସୁପରିଣତି ନିମନ୍ତେ ଦୁଆ କରିବା ଉଚିତ୍ ଏବଂ ନିଜର ବିଶ୍ୱାସକୁ ଦୃଢୀଭୂତ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ ଓ ଏଥି ନିମନ୍ତେ ଦୁଆ ମଧ୍ୟ କରିବା ଉଚିତ୍ । ବିଶେଷ କରି ସେହି ଦୁଆ ଯାହା ଆପଣମାନେ ରମ୍‌ଜାନ୍ ମାସରେ କରନ୍ତି । ଅତଏବ୍ ପ୍ରତ୍ୟେକ ବ୍ୟକ୍ତିକୁ ଏହି ଦୁଆ କରିବା ଉଚିତ୍ ଯେ, ହେ ଅଲ୍ଲାଃ ! ତୁମ୍ଭେ ମୋର ସୁପରିଣତି କର ଓ ବିଶ୍ୱାସରେ ମୋତେ ଦୃଢତ୍ୱତା ପ୍ରଦାନ କରି ମୋତେ ଅବିଚଳ ରଖ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ମିଆଁ ଅବ୍‌ଦୁଲ୍ଲାଃ ସାହେବ ର.ଅ ଏହା ମଧ୍ୟ ବର୍ଣ୍ଣନା କଲେ ଯେ, ଏକଦା

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ମୁଁ ମସିହ୍ ମଉଦ୍ ଅ.ସଙ୍କ ପାଇଁ ଆହାର ନେଇକି ଗଲି । ହୁଜୁର୍ ଅ.ସ ମୋତେ କହିଲେ, ମିଆଁ ଅବ୍ଦୁଲ୍ଲାଃ ! ଈଶ୍ୱର ମୋତେ ଏହିପରି ସମ୍ବୋଧନ କରନ୍ତି ଏବଂ ମୋ ସହିତ ଏହିପରି ହିଁ କଥାବାର୍ତ୍ତା କରିଥାଆନ୍ତି । ଈଶ୍ୱର ମୋ ସହିତ ଏପରି କଥାବାର୍ତ୍ତା କରନ୍ତି ଯେ, ମୁଁ ଯଦି ତନ୍ମଧ୍ୟରୁ (ସେହି କଥା ମଧ୍ୟରୁ) ଟିକିଏ ବି ବ୍ୟକ୍ତ (ବା ପ୍ରକାଶ) କରେ ତେବେ ମୋର ଯେତେ ଅନୁଗାମୀମାନେ ଏବଂ ବିଶ୍ୱସ୍ତମାନେ ଦୃଶ୍ୟମାନ ହେଉଛନ୍ତି ସେମାନେ ସମସ୍ତେ ମୋ ଠାରୁ ବିମୁଖ ହୋଇଯିବେ ଏବଂ ମୋ ପ୍ରତି ବୈମନସ୍ୟ ଭାବ ବ୍ୟକ୍ତି କରିବେ ଓ ମୋତେ ଛାଡ଼ିଦେବେ । ତାହା ହିଁ ହେଲା, ବ୍ୟବହାରିକ ରୂପେ ଯେତେବେଳେ ଆପଣ ଅ.ସ ଦାବି କଲେ ସେତେବେଳେ ଆପଣ ଅ.ସଙ୍କର ବିଶ୍ୱସ୍ତ ସହଚରମାନେ ଏବଂ ଅନୁଗାମୀନେ ଆପଣ ଅ.ସଙ୍କ ବିରୋଧ କଲେ ଓ ସେମାନଙ୍କର ବିରୋଧ କ୍ରମଶଃ ବୃଦ୍ଧି ପାଇଲା । କାରଣ ସେମାନେ କଳ୍ପନା ମଧ୍ୟ କରିପାରୁ ନଥିଲେ ଯେ, ଅଲ୍ଲାଃତାଲା ଏପରି ବି କଥାବାର୍ତ୍ତା କରିପାରିବେ ।

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ଭାଗ-1, ପୃ-62-65, ବର୍ଣ୍ଣନା ସଂଖ୍ୟା 88)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ସେହିପରି ଆଉ ଏକ ଘଟଣା ମଧ୍ୟ ରହିଛି । ଅର୍ଥାତ୍ ସେହି ଘଟଣାଟି ହ. ମସିହ୍ ମଉଦ୍ ଅ.ସ ନମାଜ୍ ପାଠ ସଂପର୍କିତ ଘଟଣା ଅଟେ । କେତେକ ଲୋକମାନେ ନମାଜ୍‌ର ଧାର୍ମିକ ଅବବୋଧ ସଂପର୍କରେ କଥା କୁହନ୍ତି ଯେ, ନମାଜ୍ ପାଠ କରିବା ସମୟରେ ଅର୍ଥାତ୍ ଛିଡ଼ା ହେବା ବେଳେ କିପରି ହାତ ବାନ୍ଧିବା ଉଚିତ୍ ଏବଂ ନମାଜ୍‌ର ଅନ୍ୟାନ୍ୟ ଗତିବିଧି କିପରି ହେବା ଉଚିତ୍ ? ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଉପାସନା ଏବଂ ନମାଜ ସମୟରେ କିପରି ଉପାସନା କରୁଥିଲେ ଏବଂ ନମାଜ୍ କିପରି ପାଠ କରୁଥିଲେ ? ମିଆଁ ଅଲୀ ମୁହମ୍ମଦ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ନମାଜ୍ ପାଠ କରିବାର ଶୈଳୀ ସଂପର୍କରେ ବର୍ଣ୍ଣନା କରନ୍ତି: "ଏକଦା ମୁଁ ହୁଜୁର ଅ.ସଙ୍କୁ ନମାଜ୍ ପାଠ କରୁଥିବାର ଦେଖିଲି । ଆପଣ ଅ.ସ ଫର୍ଜ ନମାଜ୍ ପାଠ ପୂର୍ବରୁ ସୁନ୍ନତ୍ ନମାଜ୍ ପାଠ କରୁଥିଲେ । ହୁଜୁର୍ ଅ.ସ ନାଭି ଉପରେ ହାତ ବାନ୍ଧୁଥିଲେ ଏବଂ ଡାହାଣ ହାତର ମଧ୍ୟବର୍ତ୍ତୀ ଆଙ୍ଗୁଠି କହୁଣୀ ପର୍ଯ୍ୟନ୍ତ ପହଞ୍ଚି ଯାଉଥିଲା ତାହା ନୁହେଁ ବରଂ ଟିକିଏ ପଛକୁ ରହୁଥିଲା । ସଜ୍‌ଦା କରିବା ସମୟରେ ଆପଣ ଅ.ସଙ୍କ ଦୁଇ ହାତ ମଝିରେ ମଥା ରହୁଥିଲା ଏବଂ ନାକ ଭୂମି ଉପରେ ଆପଣ ସ୍ପର୍ଶ କରୁଥିଲେ ଏବଂ ଆଙ୍ଗୁଠି ସଳଖ ଭାବରେ ଖାନା କାଆବା ଅଡ଼କୁ ରହୁଥିଲା । ହାତ ସିଧା ରହୁଥିଲା । ଯେତେବେଳେ ଆପଣ ଅ.ସ ସଜ୍‌ଦାରୁ ଉଠୁଥିଲେ ସେତେବେଳେ ଯେହେତୁ ଆପଣ ଅ.ସଙ୍କ ପବିତ୍ର ପଗଡ଼ି ଢିଲା ରହୁଥିଲା ଏବଂ ପଛକୁ ଟିକେ ଘୁଞ୍ଚି ଯାଉଥିଲା ସେଇଥି ପାଇଁ ଆପଣ ଅ.ସ ପଗଡ଼ିକୁ ସଳଖ କରି ନେଉଥିଲେ । ସେ ଯାହା ହେଉ ସେ ଉଲ୍ଲେଖ କରନ୍ତି ଯେ, ଏହି ସୁନ୍ନତ୍ ହୁଜୁର ଅ.ସ ମସ୍‌ଜିଦେ ଅକ୍‌ସା ଠାରେ ନିଜ ପିତାଶ୍ରୀଙ୍କ କବରର ଦକ୍ଷିଣ ଦିଗରେ ଛିଡ଼ା ହୋଇ ପାଠ କରୁଥିଲେ ଏବଂ ଏହାପରେ ପୁନଶ୍ଚ ଫର୍ଜ ନମାଜ୍ ଆରମ୍ଭ ହେଲା । ଏହି ନମାଜ ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅ ପାଠ କରାଇଲେ ।"**(ରିୱାୟାତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-2, ପୃ-13ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ମୁହମ୍ମଦ୍ ଜମିଲ୍ ସାହେବ ର.ଅ ବର୍ଣ୍ଣନା କରନ୍ତି: "ଯେଉଁ ଦିନମାନଙ୍କରେ ପ୍ଲେଗ୍ ରୋଗ କାଦିୟାନ୍‌ରେ ବ୍ୟାପୀଲା ସେହି ଦିନମାନଙ୍କରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଉଦ୍ୟାନରେ ଶିବିର ପକାଇଲେ। ଅର୍ଥାତ୍ ଆପଣ ଅ.ସ ନିଜର ସମସ୍ତ ପରିବର୍ଗଙ୍କ ସହିତ ଉଦ୍ୟାନକୁ ସ୍ଥାନାନ୍ତରିତ ହୋଇଗଲେ । ଆମେମାନେ ରାତ୍ର ସମୟରେ ପ୍ରହରା ଦେଉଥିଲୁ । କାରଣ ପ୍ଲେଗ୍ ରୋଗ ଯୋଗୁଁ ଖୋଲା ସ୍ଥାନ ଉପଯୁକ୍ତ ହୋଇଥାଏ ସେଇଥି ପାଇଁ ଆପଣ ଅ.ସ ନିଜର ପରିବାର ସମେତ ସେଠାକୁ ଚାଲି ଯାଇଥିଲେ । ସେ ଯାହା ହେଉ ଜମିଲ୍ ସାହେବ କୁହନ୍ତି, ରାତ୍ରର ପ୍ରହରା ସମୟରେ ଆମେମାନେ ହ. ସାହେବ୍ ଅ.ସଙ୍କ ପାଖ ଦେଇ ଅତକ୍ରମ କରୁଥିଲୁ ଏବଂ ହୁଜୁର୍ ଅ.ସ ନମାଜ୍‌ରେ ହିଁ ନିମଗ୍ନ ଥିବାର ଦୃଶ୍ୟମାନ ହେଉଥିଲେ । ଭଗବାନ ଜଣନ୍ତି ଆପଣ ଅ.ସ କେତେବେଳେ ଶୋଉଥିଲେ ?

**(ରିୱାୟାତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-2, ପୃ-358ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଚୌଧୁରୀ ଭାଇ ଅବ୍ଦୁର୍ ରହମାନ୍ ସାହେବ ର.ଅ ବର୍ଣ୍ଣା କରନ୍ତି: "ହୁଜୁର ଅ.ସ ଅତ୍ୟନ୍ତ ବିନୀତତା ଓ ବନମ୍ରତାର ସହିତ ନମାଜ୍ ପାଠ କରୁଥିଲେ । ଅତଏବ୍ ଛୋଟ ମସ୍‌ଜିଦ୍ ସହିତ ସଂଲଗ୍ନ କୋଠରୀରୁ ମଧ୍ୟ ସ୍ୱର ଶୁଭୁଥିଲା । ହୁଜୁର୍ ଅ.ସଙ୍କର ଏହି ଅଭ୍ୟାସ ରହିଥିଲା ଯେ ଆପଣ اِهۡدِنَا الصِّرَاطَ الۡمُسۡتَقِيۡمَକୁ ବରମ୍ବାର ପାଠ କରୁଥିଲେ ।"**(ରିୱାୟାତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-2, ପୃ-336ରୁ ଉଦ୍ଧୃତ)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହି ଦୁଆ ଆମମାନଙ୍କୁ ମଧ୍ୟ ପୁନରାବୃତ୍ତି କରିବା ଉଚିତ୍ ଯେ, ଅଲ୍ଲାଃତାଲା ଆମମାନଙ୍କୁ ସର୍ବଦା ସତ୍‌ମାର୍ଗ ଉପରେ ଅବିଚଳ ରଖନ୍ତୁ । **ଆମିନ୍** । ହୁଜୁରୁ ଅନ୍‌ୱର୍ ଅ.ବ କହିଲେ, ହ. ମାଷ୍ଟର ନଜୀର୍ ହୁସୈନ୍ ସାହେବ ର.ଅ ଆପଣ ଅ.ସଙ୍କ ତହଜ୍ଜୁଦ ନମାଜ୍‌ର ଅବସ୍ଥା ସଂପର୍କରେ ବର୍ଣ୍ଣନା କରି ଉଲ୍ଲେଖ କରନ୍ତି ଯେ, ଏକଦା ଝେଲମ୍ ଯିବା ସମୟରେ ଆମେମାନେ ଲାହୋର୍ ଠାରେ ମୋର ଦଦା ସ୍ୱର୍ଗତ ହ. ମିଆଁ ଚିରାଗ୍ ଦିନ୍ ସାହେବଙ୍କ ବାସ ଭବନ୍ "ମୁବାରକ୍ ମନ୍‌ଜିଲ୍" ଠାରେ ଅବସ୍ଥାନ କଲୁ । ହ. ମସିହ୍ ମଉଦ୍ ଅ.ସ ଏହିଠାରେ ରାତ୍ର ଯାପନ କଲେ । ଏକ କୋଠରୀରେ ହୁଜୁର ଅ.ସଙ୍କ ଲାଗି ଶୋଇବା ନିମନ୍ତେ ଏକ ଜାଗା ପ୍ରସ୍ତୁତ କରାଗଲା। ନଜୀର୍ ସାହେବ କୁହନ୍ତି ଯେ, ମୁଁ ମଧ୍ୟ ସେହି କୋଠରୀର ବାହାର ପ୍ରାଙ୍ଗଣ ପାଖରେ ଥିବା କବାଟ ପାଖରେ ଶୋଇଗଲି । ରାତ୍ର ତିନିଟା ସମୟରେ ଯେତେବେଳେ ମୁଁ ଉଠିଲି ଏବଂ ଘର ଭିତରକୁ ଯାଇ ହୁଜୁର୍ ଅ.ସଙ୍କୁ ଦେଖିଲି ସେତେବେଳେ ମୁଁ ଏହା ଦେଖିବାକୁ ପାଇଲି ଯେ, ହୁଜୁର ଅ.ସ ନମାଜ୍ ପାଠ କରୁଛନ୍ତି । ମୁଁ ମଧ୍ୟ ୱଜୁ କରି ହୁଜୁର୍ ଅ.ସଙ୍କ ପଛରେ କିଛି ଦୂରରେ ନମାଜ୍ ପାଠ କରିବାକୁ ଲାଗିଲି । ମୁଁ ବହୁତ ଚେଷ୍ଟା କଲି ଯେ, ହୁଜୁର ଅ.ସ ଯେତେ ନମାଜ୍‌ରେ ଛିଡ଼ା ହେଉଛନ୍ତି ଅର୍ଥାତ୍ ରୁକୁ ଓ ସଜ୍‌ଦା କରୁଛନ୍ତି ମୁଁ ମଧ୍ୟ ଚେଷ୍ଟା କରିବି ଯେ, ମୁଁ ମଧ୍ୟ ମସିହ୍ ମଉଦ୍ ଅ.ସଙ୍କ ପରି ରୁକୁ ଓ ସଜ୍‌ଦା କରିବି। କିନ୍ତୁ ମୋର ସତ୍‌ଚେଷ୍ଟା ସତ୍ତ୍ୱେ ମୁଁ ସେପରି କରିପାରିଲି ନାହିଁ । କେବଳ 2 ରକାତ୍ ନମାଜ୍‌ରେ ହିଁ ମୁଁ କ୍ଲାନ୍ତ ହୋଇ ପଡ଼ିଲି । ହୁଜୁର ଅ.ସ ସେହି ରକାତ୍‌ରେ ଥିଲେ ଯେଉଁ ରକାତ୍‌ରେ ମୁଁ ସାମିଲ୍ ହୋଇଥିଲି । ଅର୍ଥାତ୍ ଯେଉଁ ରକାତ୍‌ରେ ସେ ସାମିଲ୍ ହୋଇଥିଲେ ସେହି ଦୁଇ ରକାତ୍ ହୁଜୁର୍ ଅ.ସ ପାଠ କରୁଥିଲେ। ହୁଜୁର ଅ.ସ ବର୍ତ୍ତମାନ ନମାଜ ପାଠ କରିଥିଲେ, ଛିଡ଼ା ହୋଇଥିଲେ କି ମାଷ୍ଟର ନଜୀର୍ ସାହେବ ଥକିଗଲେ (କ୍ଲାନ୍ତ ହୋଇ ପଡ଼ିଲେ) । ମାଷ୍ଟର ନଜୀର୍ ସାହେବ କୁହନ୍ତି ଯେ, ମୁଁ ସେହି ନମାଜ୍ ଛାଡ଼ି ନିଜର ନମାଜ୍ ପାଠ କରିବା ଆରମ୍ଭ କରିଦେଲି । ଏହା ନିଜର ମୁନିବଙ୍କ ଆଜ୍ଞାବହତ୍ୱରେ ଆପଣ ଅ .ସଙ୍କ ଉପାସନାର ଏକ ଉଦାହରଣ ଥିଲା ଏବଂ ଉକ୍ତ କଥାର ଉଦ୍ୟମ ଥିଲା ଯେ, ଅଲ୍ଲାଃତାଲାଙ୍କ ଉପାସନାର ଅଧିକାର ବା କର୍ତ୍ତବ୍ୟ କିପରି ନିର୍ବାହ କରିବା ଉଚିତ୍ ? ମାଷ୍ଟର ସାହେବ କୁହନ୍ତି ଯେ, ସେ ଯାହା ହେଉ ଦିନବେଳା ଯେତେବେଳେ ଆମେମାନେ ହୁଜୁର ଅ.ସଙ୍କ ପାଖରେ ଆମେମାନେ ବସିଥିଲୁ ଏବଂ ହୁଜୁର ଅ.ସ ଆମମାନଙ୍କୁ ତହଜ୍ଜୁଦ୍ ନମାଜ ପାଠ କରିବା ନିମନ୍ତେ ତାଗିଦ୍ କରୁଥିଲେ ଏବଂ ନିଜର ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ନମାଜ୍ ତହଜ୍ଜୁଦ୍ ପାଠ କରିବା ନିମନ୍ତେ ଅନୁପ୍ରାଣିତ ଓ ତାଗିଦ୍ କରୁଥିଲେ । ଅତଏବ୍ ଏହି ବିନୀତ କହିଲା, ହୁଜୁର୍ ! ଯଦି ନମାଜ୍ ତହଜ୍ଜୁଦ୍ ନପାଠ କରଯାଏ ତେବେ ଅନ୍ତତଃ କ'ଣ କରିବା ଉଚିତ୍ ? ଲୋକମାନେ ପଚାରନ୍ତି ଯେ, ଯଦି ଆମେ ନମାଜ୍ ତହଜ୍ଜୁଦ୍ ପାଠ ନ କରି ପାରିଲୁ ତେବେ କ'ଣ କରିବୁ ? ପ୍ରତ୍ୟୁତ୍ତରରେ ହୁଜୁର ଅ.ସ କହିଲେ, ଯଦି ତୁମେ ନମାଜ୍ ତହଜ୍ଜୁଦ୍ ପାଠ ନ କରି ପାର ତେବେ ସେପରିପ୍ରେକ୍ଷୀରେ ତୁମେ ଅଧିକ ଇସ୍ତିଗ୍‌ଫାର ପାଠ କର । ଈଶ୍ୱରଙ୍କ ପ୍ରଶଂସା ଓ ମହିମା ଗାନ ବହୁଳ ରୂପେ କର । ଏହା ଦ୍ୱାରା ନମାଜ୍ ତହଜ୍ଜୁଦ୍ ପାଠ କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥାଏ ।

ହୁଜୁର୍ ଅ.ବ କହିଲେ, ବର୍ତ୍ତମାନ ଆପଣ ଅ.ସ ଆମମାନଙ୍କୁ ଯେଉଁ ଦୁଆ ଶଖାଇଛନ୍ତି ତାହା ଏଇଥି ପାଇଁ ନୁହଁ ଯେ, ଏହି ନମାଜ୍ ନମାଜ୍ ତହଜ୍ଜୁଦ୍‌ର ପ୍ରତିବଦଳ ହୋଇଯିବା। ନା । ବରଂ ଏଇଥି ପାଇଁ ଯେ, ଏହି ଦୁଆଏ ଇସ୍ତିଗ୍‌ଫାର ପାଠ କରିବା ଦ୍ୱାରା ନମାଜ୍ ତହଜ୍ଜୁଦ୍ ପାଠ କରିବା ନିମନ୍ତେ ସାମର୍ଥ୍ୟତା ପ୍ରାପ୍ତ ହେବ । ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ମୋ ଦ୍ୱାରା ନମାଜେ ତହଜ୍ଜୁଦ୍ ପାଠରେ ଆଳସ୍ୟତା ଏବଂ ଅବହେଳା ହୋଇଯାଏ ସେତେବେଳେ ମୁଁ ଏହି ଦୁଆ ଉପରେ କାର୍ଯ୍ୟାନୁସରଣ କରିଥାଏ ଓ ମୋତେ ନମାଜ୍ ତହଜ୍ଜୁଦ୍ ପାଠ ନିମନ୍ତେ ସାମର୍ଥ୍ୟତା ପ୍ରାପ୍ତ ହୋଇଥାଏ ।

**(ରିୱାୟାତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-3, ପୃ-178ରୁ ଉଦ୍ଧୃତ)**

ହୁଜୁର୍ ଅ.ବ କହିଲେ, ଅତଃ ଏ ହେଉଛି ସେହି ପଥ୍ୟ ଯେଉଁ ପଥ୍ୟକୁ ଆମମାନଙ୍କୁ ଆଳସ୍ୟ ଏବଂ ଅବହେଳା ସମୟରେ ଅବଲମ୍ବନ କରିବା ଉଚିତ୍ । ଆଜିକାଲି ଆମେମାନେ ରମ୍‌ଜାନ୍ ମାସ ଦେଇ ଅତିକ୍ରମ କରୁଛେ ଏବଂ ଆମକୁ ନମାଜ୍ ତହଜ୍ଜୁଦ୍ ପାଠ କରିବା ପାଇଁ କିଛି ନା କିଛି ସମୟ ମିଳି ଯାଇଥାଏ । ଯଦି ସମୟ ନ ମିଳେ ତେବେ ଏଥି ନିମନ୍ତେ ଉଦ୍ୟମ କରିବା ଉଚିତ୍ । ନିଃସନ୍ଦେହ ରୂପେ ମସ୍‌ଜିଦ୍‌ରେ ନମାଜେ ତରାୱିହ୍ ପାଠ କରାଯାଇଥାଏ ଏବଂ ଯେଉଁମାନେ ସକାଳ ସମୟରେ ଯଥା ସମୟରେ ଉଠିପାରୁ ନାହାନ୍ତି କିମ୍ବା ଅଧିକ ସମୟ ଦେଇପାରୁ ନାହାନ୍ତି ତେବେ ଏହି ନମାଜ୍ ଅର୍ଥାତ ନମାଜେ ତରାୱିହ୍ ଦୁର୍ବଳ ଏବଂ ରୋଗୀ ଇତ୍ୟାଦି ଲୋକମାନଙ୍କ ନିମନ୍ତେ ପ୍ରତିବଦଳ ସ୍ୱରୂପ ହୋଇଥାଏ । କିନ୍ତୁ ଏହା ସଂପୂର୍ଣ୍ଣ ପ୍ରତିବଦଳ ନୁହେଁ ଯେ, ଏହା ପୂର୍ଣ୍ଣ ଅଧିକାର ସମ୍ପାଦନ କରିପାରିବ । ଆଁହଜରତ୍ ସ.ଅଙ୍କ ସୁନ୍ନତ୍ (ପ୍ରଥା ବା ରୀତି) ଏବଂ ଆପଣ ସ.ଅଙ୍କ ସତ୍ୟବାଦୀ ଦାସମାନଙ୍କର ଏହି ପନ୍ଥା ରହିଛି ଯେ, ରାତ୍ର

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوۡنُوۡا مَعَ الصّٰدِقِيۡنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ସମୟରେ ନିଦରୁ ଉଠି ନମାଜ ତହଜ୍ଜୁଦ୍ ପାଠ କରାଯାଉ । ତେଣୁ ଏଥି ନିମନ୍ତେ ଏହା ଆବଶ୍ୟକ ଯେ, ଇଶା ବେଳେ ହିଁ ତରାୱିହ୍ ନମାଜ୍ ପାଠ କରି ନିଆଯାଉ । ଯଦି ତରାୱିହ୍ ନମାଜ ପାଠ କରି ନେଇଛ ତାହାହେଲେ ରାତ୍ରରେ ଉଠି ଦୁଇ ହେଉ ଅବା ଚାରି ହେଉ କିନ୍ତୁ ନମାଜ୍ ତହଜ୍ଜୁଦ୍ ଅବଶ୍ୟ ପାଠ କରନ୍ତୁ ।

ହୁଜର୍ ଅନ୍ୱର୍ ଅ.ବ କହିଲେ ସେହିପରି ହ. ଖୈରୁଦ୍ଦୀନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ଏକଦା ହ. ମସିହ୍ ମଉଦ୍ ଅ.ସ ବସନ୍ତ ଋତୁ ଦିନମାନଙ୍କର ସକାଳ ପ୍ରାୟ ୪.00 ଘଟିକା ସମୟରେ କାଦିୟାନ୍‌ରୁ ଭ୍ରମଣ ନିମନ୍ତେ ବାହାରିଲେ । ଆପଣ ଅ.ସ ସେହି ବାଟ ଦେଇ ଗଲେ ଯେଉଁ ବାଟ ଭିନି ଓ କାଦିରାବାଦ ମଧ୍ୟରେ ଅବସ୍ଥି ଅଟେ ଏବଂ ଯାହାକୁ ସଡ଼କ ପଥ ମଧ୍ୟ କୁହନ୍ତି । ଆପଣ ଅ.ସ କାଦିୟାନ୍‌ର ସୀମାରେ ଦୁଇ ରକାତ୍ ନଫିଲ୍ ନମାଜ୍ ପାଠ କଲେ ଏବଂ ପୁନଶ୍ଚ ଆମ ଗ୍ରାମ ନିକଟବର୍ତ୍ତୀ ଦେଇ କାଦିୟାନ୍ ପ୍ରତ୍ୟାଗମନ କଲେ (ଫେରି ଆସିଲେ) ।"

**(ରିୱାୟାତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-3, ପୃ-90 ରୁ ଉଦ୍ଧୃତ)**

ହୁଜର୍ ଅନ୍ୱର୍ ଅ.ବ କହିଲେ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ଭ୍ରମଣରେ ମଧ୍ୟ ଈଶ୍ୱର ଉପାସନା ପ୍ରତି କେତେ ଚିନ୍ତିତ ରହୁଥିଲେ ? ବର୍ତ୍ତମାନ କାଦିୟାନ୍‌ରେ ବାସ କରୁଥିବା ଲୋକମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ହ. ମସିହ୍ ମଉଦ୍ ଅ.ସ କାଦିୟାନ୍ ଭିତରେ ବି ଏବଂ କାଦିୟାନ୍ ବାହାରେ ବି ନଫିଲ୍ ନମାଜ୍ ପାଠ କରିଛନ୍ତି । ତେଣୁ ଏହି ପବିତ୍ର ଭୂମି ପ୍ରତି ସଚେତନ ହୁଅନ୍ତୁ ଏବଂ ଧ୍ୟାନ ଦିଅନ୍ତୁ । କାରଣ ଆପଣମାନେ ଉକ୍ତ ବସ୍ତିର କର୍ତ୍ତବ୍ୟ ନିର୍ବାହ କରିବା ସଙ୍ଗେ ସଙ୍ଗେ ଉପାସନାର ସ୍ତରକୁ ବୃଦ୍ଧି କରିବା ନିମନ୍ତେ ଉଦ୍ୟମ କରନ୍ତୁ । ହୁଜର୍ ଅନ୍ୱର୍ ଅ.ବ କହିଲେ, ହ. ମଲକ୍ ନିୟାଜ୍ ମୁହମ୍ମଦ୍ ସାହେବ ର.ଅ କୁହନ୍ତି ଯେ, 1904 ମସିହାରେ ଯେତେବେଳେ ମୁଁ କାଦିୟାନ୍ ଗଲି ସେତେବେଳେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କରମ୍ ଦୀନ୍‌ର ମକଦ୍ଦମା ପାଇଁ ଗୁରଦାସ୍‌ପୁର ଠାକୁ ଗମନ କରୁଥିଲେ । ଯେତେବେଳେ ମୁଁ ସେଠାକୁ ଗଲି ସେତେବେଳେ ଏକ ପୋଖରୀ ପାଖରେ ଏକ ବାସ ଭବନରେ ହୁଜୁର୍ ଅ.ସ ବିରାଜମାନ ଥିଲେ ଏବଂ ଜମାଅତ୍‌ର ସଦସ୍ୟବୃନ୍ଦ ମଧ୍ୟ ସେଠାରେ ଅବସ୍ଥାନ କରୁଥିଲେ । ସେହି ବାସ ଭବନର ଗୋଟି ଭାଗରେ ଏକ ଲଙ୍ଗର୍‌ଖାନା ମଧ୍ୟ ଜାରି ରହିଥିଲା । କଚେରୀରେ ମଧ୍ୟ ମୁଁ ଦେଖିଲି ଯେ, ହୁଜୁର୍ ଅ.ସଙ୍କ ନିମନ୍ତେ ଏକ ପାଲ ବିଛାଇ ଦିଆଯାଉଥିଲା । ହୁଜୁର ଅ.ସ ସେହି ପାଲ ଉପରେ ବସୁଥିଲେ ଏବଂ ଅନ୍ୟ ସଦସ୍ୟବୃନ୍ଦମାନେ ମଧ୍ୟ ସେହି ପାଲ ଉପରେ ବସୁଥିଲେ । ସେହି ପାଲଟି ବହୁତ ବଡ଼ ପାଲ ଥିଲା ଯଦ୍ଦ୍ୱାରାକି ସମସ୍ତେ ତା' ଉପରେ ବସି ଯାଉଥିଲେ । ନିୟାଜ୍ ସାହେବ କୁହନ୍ତି ଯେ, ହୁଜୁର୍ ଅ.ସଙ୍କ ସର୍ବଦା ବାୱଜୁ ରହିବା ସଂପର୍କରେ ମୁଁ ଗୋଟିଏ କଥା ବିଶେଷ ରୂପେ ଲକ୍ଷ୍ୟ କରିଛି ଯେ, ହୁଜୁର୍ ଅ.ସ ଯେତେବେଳେ ବି ପରିସ୍ରା ଇତ୍ୟାଦି ପାଇଁ ଯାଉଥିଲେ ସେତେବେଳେ ପରିସ୍ରା ପରେ ହୁଜୁର ଅ.ସ ୱଜୁ ଅବଶ୍ୟ କରୁଥିଲେ । ଏହା ଦ୍ୱାରା ମୁଁ ସୁନିଶ୍ଚିତ ହୋଇଗଲି ଯେ, ହୁଜୁର୍ ଅ.ସ ସର୍ବଦା ବାୱଜୁ ରହୁଥିଲେ । ଆପଣ ଅ.ସ سُبْحَانَ اللّٰہِ وَبِحَمْدِہٖ سُبْحَانَ اللّٰہِ الْعَظِیْمِ ଅତ୍ୟନ୍ତ ଧୀର ସ୍ୱରରେ ପାଠ କରୁଥିଲେ।

**(ରିୱାୟାତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-2, ପୃ-27ରୁ ଉଦ୍ଧୃତ)**

ହୁଜର୍ ଅନ୍ୱର୍ ଅ.ବ କହିଲେ, ହ. ଚୌଧୁରୀ ଭାଇ ଅବ୍‌ଦୁର୍ ରହିମ ସାହେବ ର.ଅ ବର୍ଣ୍ଣନା କରନ୍ତି: "ପ୍ରାରମ୍ଭିକ କାଳରେ ହୁଜୁର୍ ଅ.ସଙ୍କର ଏହି ଅଭ୍ୟାସ ରହିଥିଲା ଯେ, ଆପଣ ଅ.ସ ନମାଜରେ ସର୍ବ ପ୍ରଥମେ ମସ୍‌ଜିଦ୍ ପହଞ୍ଚୁଥିଲେ । ତେଣୁ ଦିନେ ମୁଁ ଏହି ପ୍ରୟାସ କଲି ଯେ, ମୁଁ ଆପଣ ଅ.ସଙ୍କ ପୂର୍ବରୁ ସର୍ବ ପ୍ରଥମେ ମସ୍‌ଜିଦ୍ ପହଞ୍ଚିବି । କିନ୍ତୁ ହୁଜୁର ଅ.ସ ମୋ ପୂର୍ବରୁ ମସ୍‌ଜିଦ୍‌ରେ ଉପସ୍ଥିତ ଥିଲେ ।"

**(ରିୱାୟାତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-2, ପୃ-336ରୁ ଉଦ୍ଧୃତ)**

ହୁଜର୍ ଅନ୍ୱର୍ ଅ.ବ କହିଲେ, ହୁଜୁର୍ ଅ.ସ ନିଜର କିଶୋରାବସ୍ଥାର 7 ବର୍ଷ କାଳ ସିୟାଲକୋଟ୍ ଠାରେ ଅତିବାହିତ କରିଥିଲେ ହୁଜର୍ ଅନ୍ୱର୍ ଅ.ବ କହିଲେ, ସେଠାରେ ମଧ୍ୟ ଆପଣ ଅ.ସ ଯେଉଁ ରାତ୍ର ଯାପନ କଲେ ତହିଁରେ ଈଶ୍ୱର ପ୍ରେମ ସବୁଠାରୁ ଅନନ୍ୟ ଗୁଣ ଥିଲା । ଯେଉଁ ବ୍ୟକ୍ତି ବର୍ଣ୍ଣନା କଲେ ସେ ହୁଜୁର୍ ଅ.ସଙ୍କ ଏକାନ୍ତବାସ ତଥା ଏକୁଟିଆ ରହିବା ଏବଂ ନମାଜ ଓ ତିଲୱାତ୍‌ରେ ନିମଜ୍ଜିତ ରହିବା ସଂପର୍କରେ ବିଶେଷ ରୂପେ ଚର୍ଚ୍ଚା କରିଛନ୍ତି । ହୁଜର୍ ଅନ୍ୱର୍ ଅ.ବ କହିଲେ, ହକିମ୍ ମଜ୍‌ହର୍ ହୁସୈନ୍ ସାହେବ ଉଲ୍ଲେଖ କରନ୍ତି: "ଏହା ତାଙ୍କର ସାକ୍ଷ୍ୟ ଅଟେ । ଅର୍ଥାତ୍ ସେ ହ. ମସିହ୍ ମଉଦ୍ ଅ.ସଙ୍କ ମାମୁରିୟତ୍ (ଅବତାର ରୂପେ ନିଯୁକ୍ତ ହେବାର ଦାବି) ଦାବି ପରେ ଅହମଦିୟତ୍ ପ୍ରତି ଶତ୍ରୁତା ପ୍ରଦର୍ଶନରେ ଆଗ ଧାଡ଼ିର ଶତ୍ରୁ ପାଲଟି ଯାଇଥିଲେ। ସେ ଉପନ୍ୟାସ ସ୍ୱରୂପ ହ. ମସିହ୍ ମଉଦ୍ ଅ.ସଙ୍କ କେତେକ ଘଟଣାବଳୀ ଉପରେ ଶତ୍ରୁତାମୂଳକ ଆପତ୍ତି ମଧ୍ୟ କଲେ । କିନ୍ତୁ ହୁଜୁର୍ ଅ.ସଙ୍କ ସିୟାଲକୋଟ୍ ଅବସ୍ଥାନ କାଳର ପବିତ୍ର ସ୍ମୃତିକୁ ବିରୋଧୀମାନେ ଭିତରେ ମଧ୍ୟ ବିସ୍ମୃତ (ଭୁଲି) ହୋଇ ପାରିଲେ ନାହିଁ । ସୁତରାଂ ସେ ଉଲ୍ଲେଖ କରନ୍ତି: "ସିକା ସୁରତ୍ ଅର୍ଥାତ୍ ଅତ୍ୟନ୍ତ ବିଶ୍ୱସ୍ତ, ଭରସାଯୋଗ୍ୟ ବ୍ୟକ୍ତିତ୍ୱର ଅଧିକାରୀ, ଉଚ୍ଚ ଉତ୍ସାହ ଏବଂ ଉଚ୍ଚ ଚିନ୍ତାଧାରା ଥିବା ବ୍ୟକ୍ତି ନିଜର ଉଚ୍ଚ ସାହସ ବିପରୀତ ଅନ୍ୟ କାହାରିକୁ ଅସ୍ତିତ୍ୱ ବୋଲି ମନେକରେ ନାହିଁ । ଆପଣ ଅ.ସ ଭିତରେ ପାଦ ପ୍ରବେଶ କରିବାମାତ୍ରେ ୱଜୁ ପାଇଁ ଜଳ ବରାଦ କଲେ । ମହୋଦୟ ଯେଉଁ ସମୟର ଘଟଣା ବର୍ଣ୍ଣନା କରୁଛନ୍ତି ସେଠାରେ ସେ ଯେଉଁ କୋଠରରୀ ପ୍ରବେଶ କଲେ ଏବଂ ୱଜୁ କରି ସାରିବା ପରେ ମଗ୍‌ରିବ୍ ନମାଜ୍ ପାଠ କଲେ ସେତେବେଳେ ଆପଣ ଈଶ୍ୱର ଚର୍ଚ୍ଚା କରୁଥିଲେ ।" **(ହୟାତେ ଅହମଦ୍, ଗ୍ରନ୍ଥଖଣ୍ଡ-1, ପୃ-158)**

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ବିଖ୍ୟାତ ମୁସ୍‌ଲିମ୍ ନେତା ମୌଲବୀ ଜଫର୍ ଅଲୀ ଖାନ୍ ସାହେବଙ୍କ ପିତାଶ୍ରୀ ତଥା "ଜମିଦାର" ଖବରକାଗଜର ସମ୍ପାଦକ ସ୍ୱର୍ଗତ ମୁନ୍‌ସୀ ସିରାଜୁଦ୍ଦୀନ୍ ସାହେବ ବର୍ଣ୍ଣନା କଲେ ଯେ, "ମିର୍ଜା ଗୁଲାମ୍ ଅହମଦ" 1860-1861 ମସିହା ପାଖାପାଖି ସିୟାଲକୋଟ୍ ଜିଲ୍ଲାରେ ମୋହରିର୍ ଥିଲେ । ସେତେବେଳେ ଆପଣ ଅ.ସଙ୍କ ବୟସ 22 ବର୍ଷ ହୋଇଥିବ ଏବଂ ମୁଁ ପ୍ରତ୍ୟକ୍ଷ ଦର୍ଶୀ ରୂପେ ସାକ୍ଷ୍ୟ ଦେଇପାରିବି ଯେ, ମିର୍ଜା ଗୁଲାମ୍ ଅହମଦ୍ ସାହେବ ଯୁବା ବୟସରେ ଅତ୍ୟନ୍ତ ପୁଣ୍ୟବାନ୍, ଧର୍ମପରାୟଣ ବ୍ୟକ୍ତି ଥିଲେ । ବ୍ୟବସାୟ ଏବଂ ଚାକିରୀ ସମୟରେ ପରେ ତାଙ୍କର ସମସ୍ତ ସମୟ ଧାର୍ମିକ ପୁସ୍ତକ ଅଧ୍ୟୟନରେ ଅତିବାହିତ ହେଉଥିଲା । ଆପଣ ଲୋକମାନଙ୍କ ସହିତ କମ୍ ଭେଟ ହେଉଥିଲେ ।

**(ହୟାତେ ଅହମଦ୍, ଗ୍ରନ୍ଥଖଣ୍ଡ-1, ପୃ-374)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏକଦା ହ. ଶେଖ୍ ୟାକୁବ୍ ଅଲୀ ସାହେବ୍ ଇର୍ଫାନୀ ର.ଅ ସିୟାଲକୋଟ୍ ଠାରେ ସୟେଦ୍ ମୀର୍ ହସନ୍ ସାହେବଙ୍କୁ ଭେଟିଲେ, (ହୁଜୁର୍ ଅନ୍ୱର୍ ଅ.ବ କହିଲେ, ମୁଁ ବିଗତ ଖୁତ୍‌ବାରେ ମଧ୍ୟ ଏହାର ଚର୍ଚ୍ଚା କରିଥିଲି) ତେବେ ସେ ଲୋତକାପ୍ଲୁତ (ଆଖିରେ ଲୁହ ବହୁଥିବା ଅବସ୍ଥାରେ) ହୋଇ କହିଲେ, ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଆମେମାନେ ତାହାଙ୍କ ମହତ୍ତ୍ୱ ଏବଂ ମୂଲ୍ୟକୁ ବୁଝିଲୁ ନାହିଁ । ତାଙ୍କର ଆଧ୍ୟାତ୍ମିକ ଚମତ୍କାରକୁ କେହି ବର୍ଣ୍ଣନା କରି ପାରିବ ନାହିଁ । ତାଙ୍କର ଜୀବନ ସାଧାରଣ ମନୁଷ୍ୟ ପରି ଜୀବନ ନଥିଲା । ବରଂ ସେ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯିଏ ଈଶ୍ୱରଙ୍କ ବିଶେଷ ଭକ୍ତ ହୋଇଥାଆନ୍ତି ଏବଂ ଯିଏ ସଂସାରକୁ କେବେ କେବେ ଆସନ୍ତି । **(ତାରିଖେ ଅହମଦିୟତ୍, ଗ୍ରନ୍ଥଖଣ୍ଡ-1, ପୃ-95, ଅଲ୍ ହକମ୍, ଗ୍ରନ୍ଥଖଣ୍ଡ-37, ସଂଖ୍ୟା-12, 1934 ମସିହା ଅପ୍ରେଲ୍ ମାସ 7 ତାରିଖ, ପୃ-3, ସ୍ତମ୍ଭ-3)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ଆଉ ଏକ ଘଟଣା ରହିଛି । ସେହି ଘଟଣାଟି ହେଉଛି ଏକ ଗାଉଁଲି ବା ନିପଟ ମଫସଲ୍ ବ୍ୟକ୍ତିର ଘଟଣା । ସେହି ମଫସଲ୍ ବ୍ୟକ୍ତି କିଭଳି ହ. ମସିହ୍ ମଉଦ୍ ଅ.ସଙ୍କ ଆଲୋକକୁ ଚିହ୍ନି ନେଲା । ଏହି ଆଲୋକ ଅଲ୍ଲାଃତାଲାଙ୍କ ସହିତ ପ୍ରେମକାରୀମାନଙ୍କ ଏବଂ ଈଶ୍ୱରଙ୍କ ଦ୍ୱାରା ମନୋନୀତ ମୁଖମଣ୍ଡଳରୁ ପ୍ରକାଶିତ ହୋଇଥାଏ । ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରିଛନ୍ତି ଯେ, ମାତାଶ୍ରୀ ର.ଅ ବର୍ଣ୍ଣନା କଲେ ଯେ, ହ. ମସିହ୍ ମଉଦ୍ ଅ.ସ ମାତାଶ୍ରୀଙ୍କୁ କହିଲେ: "ଏକଦା କୌଣସି ମକଦ୍ଦମା ସକାଶେ ହ. ମସିହ୍ ମଉଦ୍ ଅ.ସଙ୍କୁ ଡେଲ୍‌ହାଉସୀ ଯିବାକୁ ପଡୁଥିଲା । ବାଟରେ ବର୍ଷା ଆସିଲା ଏବଂ ମୋର ସାଥି ଜଣକ ଏକ୍କାରୁ ଓହ୍ଲାଇ ଆସିଲେ ଏବଂ ପର୍ବତ ମଧ୍ୟରେ ଥିବା ଏକ ବାସ ଭବନ ଆଡ଼କୁ ଗଲେ। ସେହି ବାସ ଭବନଟି ରାସ୍ତା କଡ଼ରେ ଅବସ୍ଥିତ ଥିଲା । ମୋର ସାଥି ଜଣକ ଆଗକୁ ଅଗ୍ରସର ହୋଇ ଘରର ମାଲିକ ଠାରୁ ଭିତରକୁ ଆସିବା ନିମନ୍ତେ ଅନୁମତି ଲୋଡ଼ିଲେ। କିନ୍ତୁ ଘରର ମାଲିକ ଜଣକ ତାଙ୍କୁ ଭିତରକୁ ଆସିବାକୁ ଅଟକାଇଲେ (ମନାକଲେ)।"ଏକ ଛୋଟିଆ ଘରଟିଏ ଥିଲା । ବେଚରା ଗରିବମାନଙ୍କର ଘର ତ' ଏହିପରି ହିଁ ହେଉଥିଲା। ଉକ୍ତ କଥାକୁ କେନ୍ଦ୍ର କରି ଘରର ମାଲିକ ଏବଂ ମୋର ସାଥିଙ୍କ ମଧ୍ୟରେ ତୁହାତୁହି ହୋଇଗଲା। କଥା ଆଗକୁ ବଢିଗଲା । ଘରର ମାଲିକ ଜଣକ ଆମ ସାଥିକୁ ଗାଳି ଗୁଲଜ କରିବାକୁ ଲାଗିଲା । ଯେତେବେଳେ ଆମର ସାଥି ଜଣକ ସେହି ଘରର ମାଲିକକୁ ଭିତରକୁ ଆସିବା ନିମନ୍ତେ ଅନୁମତି ଲୋଡୁଥିଲେ ସେତେବେଳେ ସେ ମନା କରି ଦେଉଥିଲା ଏବଂ ସେ କହୁଥିଲା ମୁଁ ତୁମକୁ ଘର ଭିତରକୁ ଆସିବାକୁ ଦେବି ନାହିଁ । ଉକ୍ତ କଥାକୁ କେନ୍ଦ୍ର କରି ଦୁହିଁଙ୍କ ମଧ୍ୟରେ ତୁ ତୁ ମେ ମେ (ବଚସା) ଆରମ୍ଭ ହୋଇଗଲା । ହ. ମସିହ୍ ମଉଦ୍ ଅ.ସ କହିଲେ, ମୁଁ ଏହି ବଚ୍‌ସାକୁ ଶୁଣି ଆଗକୁ ଅଗ୍ରସର ହେଲି । ମୁଁ ଯେମିତି ଘରର ମାଲିକକୁ ଦେଖିଲି ଏବଂ ମୋର ଆଖି ସହିତ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଘରର ମାଲିକର ଆଖି ଯୋଖି ହୋଇଗଲା ସେତେବେଳେ ମୁଁ ସେହି ମାଲିକକୁ କିଛି କହିବାର ପୂର୍ବରୁ ଘରର ମାଲିକ ମୁଣ୍ଡ ତଳକୁ କରିନେଲା । ସେ କହିଲା, ମହୋଦୟ! ପ୍ରକୃତ କଥା ଏହିକି ଯେ, ମୋର ଏକ ତରୁଣୀ କନ୍ୟାଟିଏ ରହିଛି । ସେଇଥି ପାଇଁ ମୁଁ ଅଜ୍ଞାତ ଏବଂ ଅପରିଚିତ ବ୍ୟକ୍ତିକୁ ଘର ଭିତରକୁ ପ୍ରବେଶ କରିବାକୁ ଦେଉ ନାହିଁ । କିନ୍ତୁ ଆପଣ ନିଃଶଙ୍କୋଚ ଭିତରକୁ ଆସନ୍ତୁ । ହ. ସାହେବ ଅ.ସ (ମସିହ୍ ମଉଦ୍ ଅ.ସ) କହୁଥିଲେ ଯେ, ସେ ଅର୍ଥାତ୍ ଘରର ମାଲିକ ଜଣକ ଅପରିଚିତ ତଥା ଅଚିହ୍ନା ବ୍ୟକ୍ତି ଥିଲା । ନା ମୁଁ ତା'କୁ ଜାଣିଥିଲି ଓ ନା ସେ ମୋତେ ଜାଣିଥିଲା ।"

**(ସିରତୁଲ୍ ମେହ୍ଦୀ, ଗ୍ରନ୍ଥଖଣ୍ଡ-1, ଭାଗ-1, ପୃ-6, ବର୍ଣ୍ଣନା ସଂଖ୍ୟା-8)**

ହୁଜୁର ଅନଓ୍ୱର୍ ଅ.ବ କହିଲେ, ଅତଏବ୍ ଏହା ଶିଷ୍ଟତା ଏବଂ ଉପାସନାର ନିଦର୍ଶନ ଥିଲା, ଯାହା ଆପଣ ଅ.ସଙ୍କ ମୁଖମଣ୍ଡଳରୁ ସେହି ବ୍ୟକ୍ତିକୁ ଦୃଶ୍ୟମାନ ହୋଇଗଲା । ସେଇଥି ପାଇଁ ସେ ହ. ମସିହ୍ ମଉଦ୍ ଅ.ସଙ୍କୁ କହିଲା, ଠିକ୍ ଅଛି ଆପଣ ଭିତରକୁ ଆସି ପାରିବେ । ହୁଜୁର ଅନଓ୍ୱର୍ ଅ.ବ କହିଲେ, ଈଶ୍ୱରଙ୍କ ଅସ୍ତିତ୍ୱ ସର୍ବଦା ଆପଣ ଅ.ସଙ୍କ ଦୃଷ୍ଟି ସମ୍ମୁଖରେ ରହୁଥିଲା । ଯେକୌଣସି କାର୍ଯ୍ୟବସ୍ତତା କିମ୍ବା ବ୍ୟସ୍ତବହୁଳତା ଆପଣ ଅ.ସଙ୍କୁ ଈଶ୍ୱର ଚର୍ଚ୍ଚାରୁ ଦୂରେଇ ପାରୁ ନଥିଲା । ମକଦ୍ଦମାମାନଙ୍କରେ ମଧ୍ୟ ଯେତେବେଳେ କୌଣସି ବ୍ୟକ୍ତିର ନାଁ ଡିକରା ଦିଆଯାଏ ତେବେ ତା' ପକ୍ଷେ ନମାଜ୍ ପାଠ କରିବା ଅତ୍ୟନ୍ତ କଷ୍ଟକର ପ୍ରସଙ୍ଗ ହୋଇଥାଏ । କିନ୍ତୁ ଆପଣ ଅ.ସ ଈଶ୍ୱର ପ୍ରେମରେ ଏପରି ଭରସା କରୁଥିଲେ ଏବଂ ଏପରି ସାଂସାରିକତା ଠାରୁ ନୀଃସ୍ପୃହ ଥିଲେ ଯେ, ଅଦାଲତ୍‌ରେ ମକଦ୍ଦମା ଚାଲିଛି । ଯେକୌଣସି ସମୟରେ ହାଜ୍‌ରା ଦେବାର ଡାକ ଓ ସମୟ ଆସିପାରେ । ଡାକରା ଦେଉଥିବା ବ୍ୟକ୍ତି ଯେକୌଣସି ମୁହୂର୍ତ୍ତରେ ଆପଣ ଅ.ସଙ୍କୁ ଡାକି ପାରିବେ । କିନ୍ତୁ ଯେତେବେଳେ ନମାଜ୍ ସମୟ ଆସୁଥିଲା ସେତେବେଳେ ଆପଣ ଅ.ସ ଅଦାଲତ୍‌ର ଡାକରାକୁ ଅଣଦେଖା କରି ନଶୁଣି ଅନୁପସ୍ଥିତିଜନିତ କ୍ଷତି ପ୍ରତି କିଛି ବି ଭ୍ରୂକ୍ଷେପ ନକରି ଈଶ୍ୱରଙ୍କ ସମ୍ମୁଖରେ ଏବଂ ଈଶ୍ୱରଙ୍କ ଡାକରେ ଲବ୍‌ବୈକ (ଉପସ୍ଥିତ ଅଛି) କହି ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ ହୋଇଯାଉଥିଲେ । **(ସିରତୁଲ୍ ମେହ୍ଦୀ, ଗ୍ରନ୍ଥଖଣ୍ଡ-1, ଭାଗ-1, ପୃ-14, ବର୍ଣ୍ଣନା ସଂଖ୍ୟା-17ରୁ ଉଦ୍ଧୃତ)**

ହୁଜୁର ଅନଓ୍ୱର୍ ଅ.ବ କହିଲେ, ଏ ହେଉଛି ପ୍ରକୃତ ପ୍ରସଙ୍ଗ ଯାହାକୁ ପ୍ରତ୍ୟେକ ବ୍ୟକ୍ତି ମନେରଖିବା ଉଚିତ୍ । କାରଣ ନମାଜ୍ ସମୟରେ ନମାଜକୁ ଅଗ୍ରାଧିକାର ଦିଅନ୍ତୁ । ଏହା ହେଉଛି ସେହି ଆଦର୍ଶ ଯେଉଁ ଆଦର୍ଶ ଜଣେ ବିଶ୍ୱାସକାରୀର ବିଶେଷତ୍ୱତା ଅଟେ। ଏହି ଗୁଣ ଆପଣ ଅ.ସ ନିଜର ପ୍ରିୟ ମୁନିବ ହ. ମୁହମ୍ମଦ୍ ସ.ଅଙ୍କ ଠାରୁ ଶିକ୍ଷା କରିଛନ୍ତି ଏବଂ ଏହାକୁ ଆପଣ ଅ.ସ କାର୍ଯ୍ୟାକାରୀ ମଧ୍ୟ କଲେ ଓ ଆମମାନଙ୍କ ସମ୍ମୁଖରେ ଆପଣ ଅ.ସ ଏହି ଉଦାହରଣ ଉପସ୍ଥାପିତ କରିଛନ୍ତି । ହ. ୟାକୁବ୍ ଅଲୀ ଇର୍ଫାନୀ ସାହେବ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ଆପଣ ଅ.ସଙ୍କ ଏହି ଅବସ୍ଥାକୁ ବର୍ଣ୍ଣନା କରିଛନ୍ତି । ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ମକଦ୍ଦମାର ଏହି ପରମ୍ପରା ଅତ୍ୟନ୍ତ ଦୀର୍ଘ ଥିଲା ଏବଂ ମୁଖ୍ୟ ନ୍ୟାୟାଳୟ ପର୍ଯ୍ୟନ୍ତ କେତେକ ମକଦ୍ଦମାର ଆପଣ ଅ.ସଙ୍କୁ ଅନୁକରଣ କରିବାକୁ ପଡୁଥିଲା । ମୁଁ ଏହି ଜୀବନୀକୁ ପାଠ କରୁଥିବା ଲୋକମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନର କେତେକ ପକ୍ଷ ସହିତ ଅବଗତ କରାଇ ଯେଉଁ ପ୍ରସଙ୍ଗ ଆଡ଼କୁ ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛି ତାହା ଆପଣ ଅ.ସଙ୍କ ଈଶ୍ୱରଙ୍କ ସହିତ ସଂପର୍କ ଅଟେ । ଯେଉଁ ଲୋକମାନଙ୍କୁ ଆପଣ ଅ.ସଙ୍କ କଥା ଶୁଣିବାକୁ ସୁଯୋଗ ପ୍ରାପ୍ତ ହେଲା କିମ୍ବା ଯେଉଁ ଲୋକମାନେ ଆପଣ ଅ.ସଙ୍କ ପ୍ରକାଶିତ ଭାଷଣକୁ ପାଠ କରିଛନ୍ତି ସେମାନ ଜାଣନ୍ତି ଯେ, ହ. ମିର୍ଜା ସାହେବ ଦସ୍ତେ ବକାର୍ ଔର୍ ଦିଲ୍ ବହ୍ ୟାର୍ ଅର୍ଥାତ୍ ହାତ କାର୍ଯ୍ୟରେ ବ୍ୟସ୍ତ ରହିଛି ଏବଂ ମନ ଈଶ୍ୱରଙ୍କ ସ୍ମୃତିଚାରଣରେ ବ୍ୟସ୍ତ ରହିଛି । ଆପଣ ଅ.ସ ଏହାର ନିର୍ଦ୍ଦେଶ ମଧ୍ୟ ଦେଉଥିଲେ । ମକଦ୍ଦମାରେ ଉଭୟ ପକ୍ଷକୁ ସାଧାରଣ ରୂପେ ଏହା ଦେଖିବାକୁ ମିଳିଛି ଯେ, ମୁଦ୍ଦଇ (ଦାବିକର୍ତ୍ତା) ମୁଦାଲା (ମୁଦ୍ଦା ଅଲୈଃ) ପ୍ରତିପକ୍ଷ ଏକ ବ୍ୟାକୁଳିତତା ଅବସ୍ଥା ହେଉଥିଲା । କିନ୍ତୁ ମିର୍ଜା ସାହେବ ଯେତେବେଳେ କୌଣସି ମକଦ୍ଦମାର ଅନୁକରଣ ନିମନ୍ତେ ନ୍ୟାୟଳୟକୁ ଯାଉଥିଲେ ସେତେବେଳେ ଆପଣ ଅ.ସଙ୍କ ସ୍ୱଭାବ ତଥା ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଭୟାବସ୍ଥା ପରିଲକ୍ଷିତ ହେଉ ନଥିଲା । ଆପଣ ଅ.ସ ପୂର୍ଣ୍ଣ ଅବିଚଳତା ଏବଂ ବିଶ୍ୱସ୍ତତାର ସହିତ ଈଶ୍ୱରଙ୍କୁ ସ୍ମରଣ କରିବାରେ ଧ୍ୟାନରତ ରହୁଥିଲେ ।

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ଯେଉଁଠି ଏହି ମକଦ୍ଦମାର ଅନୁକରଣ କେବଳ ପିତାଶ୍ରୀଙ୍କ ଆଜ୍ଞାପାଳନ ଓ କର୍ତ୍ତବ୍ୟ ନିର୍ବାହ ନିମନ୍ତେ ଉଦ୍ଦିଷ୍ଟ ଥିଲା ସେଠାରେ ଆପଣ ଅ.ସ ସେହି ମକଦ୍ଦମା ସମୟରେ କେବେ ବି ନମାଜ୍ ଛାଡ଼ି ନାହାନ୍ତି ଏବଂ ସେହିପରି ଭାବରେ ଆପଣ ଅ.ସ ଫର୍ଜ ନମାଜରୁ କେବେ ବି ଅବଚେତନ ହୋଇ ନାହାନ୍ତି । ଅର୍ଥାତ୍ ଅଲ୍ଲାଃତାଲାଙ୍କର ଯେଉଁ ଅଧିକାର ରହିଥିଲା ସେଥିପ୍ରତି ମଧ୍ୟ ଆପଣ ଯତ୍ନବାନ୍ ଥିଲେ ଏବଂ ଆପଣ ଅ.ସ ଅବଚେତନ ନଥିଲେ । ଠିକ୍ କଚେରୀ ଠାରେ ଆପଣ ଅ.ସ ନମାଜ୍ ସମୟରେ ନମାଜ୍‌ରେ ମଗ୍ନ ହୋଇ ଯାଉଥିଲେ । ଅର୍ଥାତ୍ ଆପଣ ଅ.ସଙ୍କ ଆଉ କୌଣସି କାମ ହିଁ ନଥିଲା । ବେଳେବେଳେ ଏପରି ମଧ୍ୟ ହୋଇଛି ଯେ, କଚେରୀରୁ ଏହିପରି ସ୍ୱର ଆସୁଥିଲା, ଆପଣ ଅ.ସ ଡାକରା ପ୍ରତି ଭ୍ରୂକ୍ଷେପ କରୁ ନଥିଲେ । ମକଦ୍ଦମାର ସେହି ଯାତ୍ରାରେ ମଧ୍ୟ ପ୍ରତ୍ୟେକ ମୁହୂର୍ତ୍ତ ଯଦି କାହା ଆଡ଼କୁ ଧ୍ୟାନ ରହୁଥିଲା ତେବେ ତାହା ସକଳ ଜଗତର ପାଳନକର୍ତ୍ତା ଅଲ୍ଲାଃତାଲାଙ୍କ ଆଡ଼କୁ ହିଁ ଧ୍ୟାନ ରହୁଥିଲା । ଆପଣ ଅ.ସଙ୍କୁ ସୂର୍ଯ୍ୟୋଦୟ ରାତ୍ରରେ ଆକାଶାରେ ଚକ୍ ଚକ୍ କରୁଥିବା ତାରକାମଣ୍ଡଳୀ, ପର୍ବତର ଝରଣା, ହ୍ରଦ ଏବଂ ସୁଉଚ୍ଚ ପର୍ବତ, ବହୁଥିବା ଜଳ, ଲହଲହ କୃଷି କ୍ଷେତ୍ର, ପକ୍ଷୀମାନଙ୍କର ରାବ ଓ ବିଜୁଳୀ ତଥା ଘଡ଼ଘଡ଼ିର ଶବ୍ଦରେ କେବଳ ଗୋଟିଏ ଅସ୍ତିତ୍ୱ ଉପରେ ହିଁ ଦୃଶ୍ୟମାନ ହେଉଥିଲା ଏବଂ ସେହି ଅଲୋକର ନିର୍ଝରର ଝଲକ ଦୃଶ୍ୟମାନ ହେଉଥିଲା । ଅର୍ଥାତ୍ ଅଲ୍ଲାଃତାଲାଙ୍କ ଲୀଳା ପ୍ରତ୍ୟେକଟି ଜିନିଷରେ ଆପଣ ଅ.ସଙ୍କୁ ଦୃଶ୍ୟମାନେ ହେଉଥିଲା । ପ୍ରତ୍ୟେକ ପାର୍ଶ୍ୱରେ ସେହି ପ୍ରିୟତମଙ୍କ ପ୍ରକୃତ ବିଭବ ଦୃଶ୍ୟମାନ ହେଉଥିଲା । ଆପଣ ଚନ୍ଦ୍ରକୁ ଦେଖି ଆଶ୍ଚର୍ଯ୍ୟଚକତି ଯଦି ହେଉଥିଲେ ତେବେ ତହିଁରେ ମଧ୍ୟ ନିଜର ପ୍ରିୟତମଙ୍କ କିଛିଟା ଲକ୍ଷଣ ଆପଣ ଅ.ସଙ୍କୁ ଦୃଶ୍ୟମାନ ହେଉଥିଲା । ସୁନ୍ଦରତ୍ୱରେ ଯଦି କୌଣସି କଳାପଣ ରହୁଥିଲା ତେବେ ତାହା ସୃଷ୍ଟିକର୍ତ୍ତାଙ୍କର ପିରଚୟ ପ୍ରଦାନ କରୁଥିଲା । ପ୍ରତ୍ୟେକ ସୁନ୍ଦର ଚକ୍ଷୁ ତାହାଙ୍କୁ (ଈଶ୍ୱରଙ୍କୁ) ହିଁ ଦେଖାଇଥିଲା ଏବଂ ପ୍ରତ୍ୟେକ କୁଞ୍ଚିତ କେଶର ହସ୍ତ ସେହି ଏକେଶ୍ୱର ଆଡ଼କୁ ଇଙ୍ଗିତ କରୁଥିଲା, ପ୍ରତ୍ୟେକ ପୁଷ୍ପ ଉଦ୍ୟାନର ସୌନ୍ଦର୍ଯ୍ୟମୂଳକ ଉପକାର ଉଦ୍ୟାନକୁ ସୁଗନ୍ଧ ଦ୍ୱାରା ସୁଗନ୍ଧିତ କରି ପକାଉଥିଲା । ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ଅତ୍ୟନ୍ତ ସୁନ୍ଦର ଓ ମର୍ମସ୍ପର୍ଶୀ ଭାବରେ ବର୍ଣ୍ଣନା କରିଛନ୍ତି । ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ କୁହନ୍ତି: "ସତ୍ୟ କଥା ଏହିକି ଯେ, କହିବାକୁ ଗଲେ ଆପଣ ଅ.ସ ମକଦ୍ଦମା ନିମନ୍ତେ ଯାଉଥିଲେ କିନ୍ତୁ ବାସ୍ତବରେ ସେହି ଯାତ୍ରାରେ ପରର ସମସ୍ତ ଦୁଃଖ ଏବଂ କଳହକୁ ସମାପ୍ତ କରୁଥିଲେ।" ଏହାର ଚର୍ଚ୍ଚା କରି ଆପଣ ର.ଅ (ୟାକୁବ୍ ଅଲୀ ଇର୍ଫାନୀ ର.ଅ) ଉଲ୍ଲେଖ କରନ୍ତି । ଯେପରିକି ମୁଁ ଡେଲହାଉସୀ ଯାତ୍ରାର ଘଟଣା ପୂର୍ବେ ବର୍ଣ୍ଣନା କରି ସାରିଛି ଯେ, ସେଠାରେ ମଧ୍ୟ ଆପଣ ଅ.ସ ସଡ଼କ ଦୃଶ୍ୟକୁ ଦେଖି ଏହା ହିଁ କହିଲେ ଯେ, ଜଳର ଏହି ଝରଣା ଏବଂ ପର୍ବତର ସବୁଜିମା କେତେ ସୁନ୍ଦର ଓ ମନୋରମ ଅଟନ୍ତି । ଅର୍ଥାତ୍ ସେହି ଗୋଟିଏ ଅସ୍ତିତ୍ୱରେ ନିଃଶେଷ ହେବା ଏବଂ ତାହାଙ୍କ ପ୍ରସନ୍ନତା ପ୍ରାପ୍ତିର ଅବସ୍ଥା ଥିଲା ଯାହା ପ୍ରତ୍ୟେକ ମୁହୂର୍ତ୍ତ ଆପଣ ଅ.ସଙ୍କ ଉପରେ ପରିବ୍ୟାପ୍ତ ରହୁଥିଲା । ସେ ଦିନ ହେଉ ଅବା ରାତି ହେଉ, ଏକାନ୍ତବାସ ଏବଂ ଅବା ଭିଡ଼ ହେଉ ସେହି ପ୍ରକୃତ ପ୍ରିୟତମଙ୍କ ସ୍ମୃତି କେବେ ବି ଆପଣ ଅ.ସଙ୍କ ମନରୁ ସମାପ୍ତ ଓ ନିଶ୍ଚିହ୍ନ ହେଉ ନଥିଲା । **(ହୟାତେ ଅହ୍‌ମଦ, ଗ୍ରନ୍ଥଖଣ୍ଡ-1, ପୃ-85-87 ଓ ସିରତେ ଅହ୍‌ମଦ ଅପ୍ରକାଶିତ ଗ୍ରନ୍ଥରୁ ଉଦ୍ଧୃତ)**

ହୁଜୁର ଅନଓ୍ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ କୁହନ୍ତି: "ମାତାଶ୍ରୀ ମୋତେ କହିଲେ, ଯେ, ଏକଦା ହ. ମସିହ୍ ମଉଦ୍ ଅ.ସ ମାତାଶ୍ରୀଙ୍କୁ କହିଲେ, ଅଲ୍ଲାଃତାଲାଙ୍କ ତରଫରୁ ମୋତେ ଏହି ସୂଚନା ମିଳିଲା ଯେ, سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِيْمِ ବହୁଳ ରୂପେ ପାଠ କରିବା ଉଚିତ୍ । ମାତାଶ୍ରୀ କୁହନ୍ତି ସେଇଥି ପାଇଁ ଆପଣ ଅ.ସ ବହୁଳ ରୂପେ ଉପରୋକ୍ତ ଦୁଆକୁ ପାଠ କରୁଥିଲେ । ଏପର୍ଯ୍ୟନ୍ତକି ରାତ୍ରରେ ଶେଯ ଉପରେ ଅପରପାର୍ଶ୍ୱକୁ ବୁଲିବା ସମୟରେ ମଧ୍ୟ ଉପରୋକ୍ତ ବାଣୀ ଆଣ ଅ.ସଙ୍କ ମୁଖରୁ ନିଃସୃତ ହେଉଥିଲା ।" ହ. ମିର୍ଜା ବଶୀରୁଦ୍ଦୀନ୍ ମହମୁଦ୍ ଅହମଦ୍ ସାହେବ ର.ଅ କୁହନ୍ତି: "ମୁଁ ଯେତେବେ ଉକ୍ତ ବର୍ଣ୍ଣନାଟି ମୌଲବୀ ଶେର୍ ଅଲୀ ସାହେବ ର.ଅଙ୍କ ସମ୍ମୁଖରେ ବର୍ଣ୍ଣନା କଲି ସେତେବେଳେ ସେ କହିଲେ, "ମୁଁ ମଧ୍ୟ ଦେଖିଛି ଯେ, ହ. ମସିହ୍ ମଉଦ୍ ଅ.ସ ବହୁଳ ରୂପେ ସୁବ୍‌ହାନଲ୍ଲାଃ ହିଁ ପାଠ କରୁଥିଲେ ।" ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ମଧ୍ୟ ନିଜର ପ୍ରତ୍ୟକ୍ଷଦର୍ଶିତା ବର୍ଣ୍ଣନା କରିଛନ୍ତି ଯେ, ମୁଁ ମଧ୍ୟ ହ. ମସିହ୍ ମଉଦ୍ ଅ.ସଙ୍କୁ ସୁବ୍‌ହାନଲ୍ଲାଃ ପାଠ କରୁଥିବାର ଶୁଣିଛି । ଆପଣ ଖୁବ୍ ଧୀରେ ଧୀରେ, ରହି ରହି ଏବଂ ଅତ୍ୟନ୍ତ ଶାନ୍ତ ଓ ଆଶ୍ୱସ୍ତିକର ଭାବରେ ଏହି ଶବ୍ଦାବଳୀ ପୁନରାବୃତ୍ତି କରୁଥିଲେ । ଅତଏବ୍ ଏହିପରି ଭାବରେ ଆପଣ ଅ.ସ ଈଶ୍ୱରଙ୍କ ବିଶିଷ୍ଟ ଗୁଣାବଳୀ ଉପରେ ମଧ୍ୟ ବିଚାର ଓ ଚିନ୍ତନ କରୁଥିଲେ ।"

**(ସିରତୁଲ୍ ମେହ୍ଦୀ, ଗ୍ରନ୍ଥଖଣ୍ଡ-1, ଭାଗ-1, ପୃ-3, ବର୍ଣ୍ଣନା ସଂଖ୍ୟା-1)**

ହୁଜୁର ଅନଓ୍ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ୍ ସାହେବ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, "ମୋତେ ପୀର୍ ସିରାଜୁଲ୍ ହକ୍ ନୁମାନୀ ସାହେବ କହିଲେ, ହ. ସାହେବ ଅ.ସଙ୍କ ଶୋଇବା ଅବସ୍ଥା ଏପରି ଥିଲା ଯେ, ଆପଣ କିଛି ସମୟ ବ୍ୟବଧାନରେ ଆପଣ ଚେଇଁ ଉଠୁଥିଲେ ଏବଂ ତୁଣ୍ଡରୁ ଧୀରେ ଧୀରେ ସୁବ୍‌ହାନଲ୍ଲାଃ ସୁବ୍‌ହାନଲ୍ଲାଃ

---

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family, B.D.A, Bhubaneshwar (Odisha)

---

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَاِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ପାଠ କରିବାକୁ ଲାଗି ଯାଉଥିଲେ ଏବଂ ପୁନଶ୍ଚ ଆପଣ ଅ.ସ ଶୋଇ ଯାଉଥିଲେ ।"

**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ଭାଗ-2, ପୃ-287, ବର୍ଣ୍ଣନା ସଂଖ୍ୟା-310)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ହ. ମସିହ୍ ମଉଦ୍ ଅ.ସ ନିଜର ପ୍ରିୟ ମୁନିବ ଏବଂ ପରୋପକାରୀ ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ପନ୍ଥା ଆପଣାଇବା ତଥା ଆପଣ ସ.ଅଙ୍କ ଆଜ୍ଞାବହତ୍ୱରେ ଏକାନ୍ତବାସ ଆପଣାଇବା ପନ୍ଥାକୁ ବହୁତ ଭଲ ପାଉଥିଲେ। ଯଦି ଆପଣ ଅ.ସଙ୍କ ଆୟତ୍ତରେ କୌଣସି ପ୍ରସଙ୍ଗ ହୁଅନ୍ତା ତେବେ ଆପଣ ଅ.ସ କେବେ ବି ବାହାରକୁ ଆସି ନଥାଆନ୍ତେ । ଆପଣ ଅ.ସ ଅନେକ ଥର ନିଜର ଲେଖନୀ ଓ ଭାଷଣମାନଙ୍କ ମଧ୍ୟରେ ଉକ୍ତ କଥାର ପରିପ୍ରକାଶ କରିଛନ୍ତି । ଅତଏବ୍ ଯେତେବେଳେ ଆପଣ ଅ.ସଙ୍କ ଏକାନ୍ତବାସ, ସମ୍ବେଦନଶୀଳ ସ୍ୱଭାବ, ନିର୍ଜନ, ନିରୋଳା ପ୍ରିୟ ସ୍ୱଭାବ ଉପରେ ଏକ ପ୍ରଭାବଶାଳୀ ପ୍ରଭାବ ପଡ଼ିଲା ଏବଂ ଯେତେବେଳେ ଐଶୀ ଆକର୍ଷଣ ଦ୍ୱାରା ଆପଣ ଅ.ସ ସଂପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ଆଡ଼କୁ ଆକର୍ଷିତ ହୋଇ ଆସିଲେ ସେତେବେଳେ ଆପଣ ଅ.ସ ନିଜର ପିତାଶ୍ରୀଙ୍କୁ ପତ୍ର ଲେଖିଥିଲେ । ଉକ୍ତ ପତ୍ରକୁ ପାଠ କରିବା ଦ୍ୱାରା ଏହା ଜ୍ଞାତ ହୁଏ ଯେ, ହୁଜୁର୍ ଅ.ସ କିଭଳି ପ୍ରାରମ୍ଭିକ ବୟସରୁ ହିଁ ସାଂସାର ପ୍ରତି ବିମୁଖ ଭାବ ଓ ସଂସାର ପ୍ରତି ଘୃଣାଭାବ ବ୍ୟକ୍ତ କରୁଥିଲେ । ଆପଣ ଅ. ସର୍ବଦା ଅଲ୍ଲାଃତାଲାଙ୍କ ସହିତ ସଂପର୍କକୁ ସୁଦୃଢ଼ କରିବା ନିମନ୍ତେ ଚିନ୍ତିତ ରହୁଥିଲେ। ଯୁବ ବୟସରେ ଆପଣ ଅ.ସଙ୍କ ଦ୍ୱାରା ଲିଖିତ ଏହି ପତ୍ର ମଧ୍ୟ ଆପଣ ଅ.ସଙ୍କ ପବିତ୍ର ସ୍ୱଭାବ ଏବଂ ପବିତ୍ର ଜୀବନର ଏକ ନିଚ୍ଛକ ପ୍ରତିଛବି ଓ ଅବିଚ୍ଛିନ୍ନ ଅଙ୍ଗ ଅଟେ । ସେହି ପତ୍ରଟି ଫାର୍ସି ଭାଷାରେ ଲିଖିତ ଅଟେ । ଏହାର କିଛି ଅଂଶ ଏଠାରେ ମୁଁ ବର୍ଣ୍ଣନା କରି ଦେଉଛି । ଆପଣ ଅ.ସ ପିତାଶ୍ରୀଙ୍କୁ ସମ୍ବୋଧିତ କରି ଉଲ୍ଲେଖ କରନ୍ତି ଯେ, "ପିତାଶ୍ରୀ! ସେହି ଦିନମାନଙ୍କରେ ମୁଁ بِرَأیِ العَین ଦେଖୁଛି ଏବଂ ନିଜର ବୁଦ୍ଧି ଚକ୍ଷୁ ଏବଂ ଚିନ୍ତା ଜନିତ ବୃହତ୍ ଚକ୍ଷୁ ଦ୍ୱାରା ମୁଁ ଦେଖୁଛି ଏବଂ ଅବଲୋକନ କରୁଅଛି ଯେ, ସମସ୍ତ ଦେଶମାନମଙ୍କରେ ଏବଂ ସହରମାନଙ୍କରେ ପ୍ରତ୍ୟେକ ବର୍ଷ କୌଣସି ନା କୌଣସି ରୋଗ ପ୍ରାଦୁର୍ଭୂତ ହୋଇଥାଏ । ଏହି ରୋଗ ବନ୍ଧୁ ପରିଜନ ଏବଂ ସଂପର୍କୀୟ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ପରସ୍ପର ଠାରୁ ଭିନ୍ନ କରି ଦେଇଥାଏ । ମୁଁ ଏପରି କୌଣସି ବର୍ଷ ଦେଖି ନାହିଁ ଯେ, ଯେଉଁ ବର୍ଷ ଜଳୁଥିବା ନିଆଁ ଏବଂ ମର୍ମନ୍ତୁଦ ଦୁର୍ଘଟଣା (ପ୍ରାକୃତିକ ବିପର୍ଯ୍ୟୟ) ପ୍ରଳୟ ଦିବସର କୋଳାହଳ ସୃଷ୍ଟି କରି ନଥିବ । ଏହି ପରିସ୍ଥିତିକୁ ଦେଖି ମୋର ହୃଦୟ ସଂସାର ଠାରୁ ଶିଥିଳ ହୋଇଯାଇଛି ଏବଂ ମୁଖମଣ୍ଡଳ ଏହି ଭୟ ଦ୍ୱାରା ହଳଦିଆ ପଡ଼ିଯାଇଛି । ଆଜିକାଲି ମଧ୍ୟ ସଂସାରର ଯେଉଁ ପରିସ୍ଥିତି ରହିଛି ତାହା ଏହିପରି ଭାବରେ ଆମେମାନେ ଅବଲୋକନ କରୁଛୁ । ଅର୍ଥାତ୍ କିପରି ପ୍ରତ୍ୟେକ ଦିଗରେ ଅଗ୍ନି ସ୍ଫୁଲିଙ୍ଗ ହେଉଛି ? ଅତଏବ୍ ଆମମାନଙ୍କୁ ଅଧିକରୁ ଅଧିକ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରିବା ଉଚିତ୍ । ଆପଣ ଅ.ସ ସେହି ପତ୍ରରେ ଉଲ୍ଲେଖ କଲେ ଯେ, ମୁଁ ଅନେକ ଥର ଶେଖ୍ ମୁସ୍‌ଲେହ୍ ଉଦ୍ଦୀନ୍ ସାଆଦି ଶିରାଜି ସାହେବଙ୍କ କବିତାର ଏହି ଦୁଇଟି ପଂକ୍ତିକୁ ଯେତେବେଳେ ମନେ ପକାଏ ସେତେବେଳେ ଆକାଂକ୍ଷିତ ଭାବରେ ମୋ ଚକ୍ଷୁରୁ ଲୁହ ଧାରା ଧାର ହୋଇ ବହିଯାଇଥାଏ ।" ଅତଏବ୍ ସେହି ଦୁଇଟି ପଂକ୍ତି ଏହିପରି ଅଟନ୍ତି:

مکن تکیہ بر عمرِ ناپائیدار
مباش ایمن از بازیِ روزگار

ଅର୍ଥାତ୍ ମନୁଷ୍ୟର ବୟସ ଅତି ସ୍ୱଳ୍ପ ଅଟେ । ଏହି ସ୍ୱଳ୍ପ ଆୟୁ ଉପରେ ଭରସା କରିବା ଅନୁଚିତ୍ ଅଟେ । ଏହି ଭାଗ୍ୟ ଖେଳରୁ ବ୍ୟକ୍ତି କେବେ ବି ନିଜକୁ ସୁରକ୍ଷିତ ବୋଲି ମନେ ନକରୁ । ବ୍ୟକ୍ତି ଏହା ମନେ ନକରୁ ଯେ, ଆମେମାନେ ସଂସାର ଜଞ୍ଜାଳରେ ପଡ଼ି ଯାଇଛୁ ତେଣୁ ଆମେମାନେ ସୁରକ୍ଷିତ ହୋଇଯାଇଛୁ । ନା । ସେହିପରି ଆଉ ଦୁଇଟି ପଂକ୍ତି ଫର୍ଖ କାଦିୟାନୀ (ଅର୍ଥାତ୍ ସେହି କାଳରେ ହ. ମସିହ୍ ମଉଦ୍ ଅ .ସ ନିଜର ସାଂଙ୍କା ବା ଗୋତ୍ର ବା ଉପାଧି ଫର୍ଖ ବୋଲି ଲେଖୁଥିଲେ)ଙ୍କ ଦିୱାନ୍ (କବିତାର ସାର) ରେ ହୃଦୟର କ୍ଷତ ଉପରେ ଲବଣ ସିଞ୍ଚନ କରିଥାଏ । ଅର୍ଥାତ୍ କଟା ଘାରେ ଚୂନ ଦେଇଥାଏ । ଅର୍ଥାତ୍:

بدُنیائے دُوں دل مبند اے جواں
کہ وقتِ اجل می رسد ناگہاں

ଅର୍ଥାତ୍ ହେ ଯୁବକ ! ଏହି ନୀଚ, ମିଛ ମୋହ ମାୟା ସଂସାରର ମୋହରେ ପଡ଼ ନା। କାରଣ ନିର୍ଦ୍ଦିଷ୍ଟ ସମୟ କାଳଟି (ଅନ୍ତିମ ସମୟଟି) ହଠାତ୍ ଆସି ପହଞ୍ଚି ଯାଇଥାଏ। ମୁଁ ଚାହୁଁଛି ଯେ, ମୁଁ ଅବଶିଷ୍ଟ ତକ ଜୀବନ ଏକୁଟିଆ ହୋଇ ଅତିବାହିତ କରିବି । ଲୋକମାନଙ୍କର ସାଚର୍ଯ୍ୟତ୍ୱରୁ ନିଜର ପଣତକୁ (ମର୍ଯ୍ୟାଦା ବା ସମ୍ମାନକୁ) ସୁରକ୍ଷିତ କରିବି ଓ ଅଲ୍ଲାଃ ସୁବହାନହୁଙ୍କ ସ୍ମୃତିରେ ନିମଜ୍ଜିତ ହୋଇଯିବି । କାରଣ ଅତୀତରେ ମୋ ଦ୍ୱାରା ଯେଉଁ ପାପ ତଥା ଦୋଷ ଦୁର୍ବଳତା ସମ୍ପାଦିତ ହୋଇଯାଇଛି ତାହାର ମୁଁ ପ୍ରାୟଶ୍ଚିତ କରି ପାରିବି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉକ୍ତ ପତ୍ରରୁ ଏହା ଜ୍ଞାତ ହୁଏ ଯେ, ଏହି ପତ୍ରଟି ଆହୁରି ଦିର୍ଘ ପତ୍ର ଅଟେ । କାରଣ ହ. ମସିହ୍ ମଉଦ୍ ଅ.ସ କୌଣସି ଖ୍ୟାତି, ପ୍ରସିଦ୍ଧି କିମ୍ବା କୌଣସି ମର୍ଯ୍ୟାଦାର ଅଭିଳାଷୀ ନଥିଲେ । ଆପଣ ଅ.ସ ଈଶ୍ୱରଙ୍କ ସହିତ ଏକ ସ୍ୱଚ୍ଛ ତଥା ନିର୍ମଳ ସଂପର୍କ ରଖୁଥିଲେ । ବାସ୍ତବତା ଏହିକି ଯେ, ଆପଣ ଅ.ସଅ ଏକୁଟିଆ ରହିବା ତଥା ଏକାନ୍ତବାସକୁ ଏତେ ଭଲ ପାଇଉଥିଲେ ଯେ, ଅଲ୍ଲାଃତାଲାଙ୍କ ଆଦେଶ ପାଳନ ଦୃଷ୍ଟି ସମ୍ମୁଖରେ ନଥାଆନ୍ତା ତେବେ ଆପଣ ଅ.ସ କେବି ବି ଭିଡ଼ରେ ଆସି ନଥାଆନ୍ତେ । ଅତଏବ୍ ଆପଣ ଅ.ସ କୁହନ୍ତି: "ଅଲ୍ଲାଃତାଲା ଯଦି ମୋତେ ଯଦି ଚୟନ କରିବାର ସ୍ୱାଧୀନତା ପ୍ରଦାନ କରନ୍ତି ଯେ, ହେ ଭକ୍ତ ! ତୁମେ ଏକାନ୍ତବାସ ଏବଂ ଭିଡ଼ ମଧ୍ୟରୁ କେଉଁଟିକୁ ପସନ୍ଦ କରିବ ? ତେବେ ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯେ, ମୁଁ ଏକାନ୍ତବାସ (ପ୍ରଭୁଙ୍କ ସାନ୍ନିଧ୍ୟତା)କୁ ହିଁ ପସନ୍ଦ (ଚୟନ) କରିବି । ମୋତେ ସେମାନେ ଜୋର ଜବରଦସ୍ତ (ବଳପୂର୍ବକ) କର୍ମଭୂମି ଅଭିମୁଖେ ନିର୍ବାସିତ କରିଛନ୍ତି । ତେଣୁ ଯେଉଁ ଆନନ୍ଦ ମୋତେ ଏକାନ୍ତବାସରେ ପ୍ରାପ୍ତ ହେଉଛି ତାହା ଅଲ୍ଲାଃତାଲାଙ୍କ ବ୍ୟତୀତ ଆଉ କିଏ ବା ଜାଣି ପାରିବ ? ମୁଁ ପ୍ରାୟ ଦୀର୍ଘ 25 ବର୍ଷ କାଳ ହେଲା ଏକାନ୍ତବାସରେ ବସିଛି ଏବଂ ମୁଁ କେବେ ବି ମୁହୂର୍ତ୍ତକ ପାଇଁ ମଧ୍ୟ ଏହା ଚାହିଁ ନାହିଁ ଯେ, ମୁଁ ଖ୍ୟାତି ଏବଂ ପ୍ରସିଦ୍ଧିର ଚୌକି (ଆସନ) ଉପରେ ବସିବି । ମୁଁ ଏଥିପ୍ରତି ବୀତସ୍ପୃହ ଅଟେ । କାରଣ ମୁଁ ଚାହୁଁ ନାହିଁ ଯେ, ମୁଁ ଲୋକମାନଙ୍କ ଗହଣରେ ଯାଇ (ମିଶି) ବସିବି । କିନ୍ତୁ ବିଚାରକ୍ (ଈଶ୍ୱର)କଙ୍କ ଆଦେଶ ଯୋଗୁଁ ମୁଁ ବାଧ୍ୟ ଅଟେ।"

**(ହୟାତେ ଅହ୍‌ମଦ, ଗ୍ରନ୍ଥଖଣ୍ଡ-1, ପୃ-111-115, ବି.ଦ୍ରରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହିପରି ଭାବରେ ଆପଣ ଅ.ସ ନିଜର ପିତାଶ୍ରୀଙ୍କୁ ପତ୍ର ଲେଖି ସବୁକିଛି ପରିତ୍ୟାଗ କରିଦେଲେ । ଅର୍ଥାତ୍ ଏକ ପ୍ରକାରର ରାଜକୁମାରତ୍ୱକୁ ଆପଣ ପରିତ୍ୟାଗ କରିଦେଲେ । ଆପଣ ଅ.ସଙ୍କ ପିତାଶ୍ରୀଙ୍କ ସମ୍ପତ୍ତିରେ 7ଟି ଗ୍ରାମ ଥିଲା । ସେସବୁକୁ ଆପଣ ଅ.ସ କେବଳ ଈଶ୍ୱରଙ୍କ ପ୍ରେମ ସକାଶେ ଛାଡ଼ିଦେଲେ ।

**(ତାରିଖେ ଅହ୍‌ମଦିୟତ୍, ଗ୍ରନ୍ଥଖଣ୍ଡ-1, ପୃ-42)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ ନିଜର ଅନୁଗାମୀମାନଙ୍କୁ ମଧ୍ୟ ବେଳେବେଳେ ଉକ୍ତ ପ୍ରସଙ୍ଗକୁ ଆୟୁଦ୍ଧ କରି ଉପଦେଶ ଦେଉଥିଲେ । ତେଣୁ ଏକ ଘଟଣା ଉଲ୍ଲିଖିତ ହୋଇଛି ଯେ, ମିଆଁ ମୁସା ଖାନ୍ ସାହେବ ବର୍ଣ୍ଣନା କରନ୍ତି ଯେ, ମୁଁ ଏକଦା କାଦିୟାନ୍ ଗଲି । ତେବେ ସେଠାରେ ଜଣେ ଅଣମୁସଲିମ୍ ବ୍ୟକ୍ତି ଥିଲା । ସେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଉପସ୍ଥିତ (ସେହି ବ୍ୟକ୍ତି ଜଣକ ବହୁତ ବଡ଼ ଜମିଦାର ଥିଲା) ହୋଇ କହିଲା, ହୁଜୁର ! ଆପଣ ମୋତେ ଅନୁମତି ଦିଅନ୍ତୁ। ଅର୍ଥାତ୍ ଫସଲ ବଣ୍ଟନ ନିମନ୍ତେ ପ୍ରସ୍ତୁତ ରହିଛି (କୃଷକମାନେ ଉତ୍ପାଦିତ ଖାଦ୍ୟ ଶସ୍ୟକୁ ବାଣ୍ଟି ଥାଆନ୍ତି) । ଆପଣ ଅ.ସ କହିଲେ, ଆଛା କେତେ ଫସଲ (ଶସ୍ୟ) ଅଛି? ସେ ଉତ୍ତର ଦେଲା, ହୁଜୁର୍ ! ଅତ୍ୟଧିକ ଶସ୍ୟ ରହିଛି । ଆପଣ ଅ.ସ କହିଲେ, "ମୁଁ ତ' ଅନେକ ଗାଁ ଛାଡ଼ି ଈଶ୍ୱରଙ୍କ ଶରଣାପନ୍ନ ହୋଇଛି । ଆପଣ ଆଉ କିଛି ଦିନ ଟିକେ ରୁହନ୍ତୁ ।"**(ରିୱାୟାତେ ଅସ୍‌ହାବେ ଅହ୍‌ମଦ୍, ଗ୍ରନ୍ଥଖଣ୍ଡ-4, ପୃ-424ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣମାନେ ନିଜର ଧାର୍ମିକ ଅବସ୍ଥାକୁ ଶୃଙ୍ଖଳିତ, ମାର୍ଜିତ, ଉନ୍ନତ କରନ୍ତୁ ଓ ଅବଶିଷ୍ଟ ପ୍ରସଙ୍ଗ ଅଲ୍ଲାଃତାଲାଙ୍କ ଉପରେ ଛାଡ଼ି ଦିଅନ୍ତୁ । ଅଲ୍ଲାଃତାଲା ଅବଶ୍ୟ ନିଜର କୃପାବତୀର୍ଣ୍ଣ କରିବେ । ଆପଣ ଅ.ସ ସେମାନଙ୍କର ପରିସ୍ଥିତି ଜାଣିଥିବେ ତେଣୁ ଆପଣ ଅ.ସ ସେଠାରେ ଏପିର କହିଲେ । କିନ୍ତୁ ଆପଣ ଅ.ସ ଅନ୍ୟ ଏକ ସ୍ଥାନରେ ଏହା ମଧ୍ୟ କହିଛନ୍ତି ଯେ, ସଂସାରକିତାକୁ ସଂପୂର୍ଣ୍ଣ ରୂପେ ପରିତ୍ୟାଗ ମଧ୍ୟ କରିଦେବା ଅନୁଚିତ୍ ଅଟେ । ଅଲ୍ଲାଃତାଲା ଆପଣମାନଙ୍କୁ ଯେଉଁ ପୁରସ୍କାର ପ୍ରଦାନ କରିଛନ୍ତି ତାହା ପ୍ରତି ସମ୍ମାନ ବ୍ୟକ୍ତ କରନ୍ତୁ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-10, ପୃ-220, ସଂସ୍କରଣ ବର୍ଷ-2022)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ସେହି ନବ ଦୀକ୍ଷିତଙ୍କ ସଂସ୍କାର ନିମନ୍ତେ ଆପଣ ଅ.ସ ତାଙ୍କୁ ଏହି ପରାମର୍ଶ ଦେଲେ । ଏହା ପରିସ୍ଥିତି ଅନୁଯାୟୀ ହୋଇଥାଏ । ପ୍ରତ୍ୟେକ ବ୍ୟକ୍ତିକୁ ନିଜର ପରିସ୍ଥିତିକୁ ମଧ୍ୟ ଅନୁଧ୍ୟାନ କରିବା ଉଚିତ୍ । କାରଣ ସଂସାରରେ ଏତେ ନିମଗ୍ନ ହୋଇ ନଯାଆନ୍ତୁ ଯେ, ଆଖପାଖର ଆଉ କିଛି ହୋଶ୍ ନଥିବ । ସେହିପରି ସଂସାର ତ୍ୟାଗୀ ହୋଇ ନଯାଆନ୍ତୁ ଯେ, ସଂସାରର କିଛି ହୋଶ୍ ନଥିବ ଏବଂ ସଂସାରର ଯେଉଁ ଅଧିକାର ତଥା କର୍ତ୍ତବ୍ୟ ରହିଛି ତାହା ମଧ୍ୟ


**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)



**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

**ତାଲିବେ ଦୁଆ:** Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ସମାପ୍ତ ହୋଇଯିବେ, ନା । ଅତଏବ୍ ଦୁଇ ପକ୍ଷ ଅର୍ଥାତ୍ ସାଂସାରିକତା ଏବଂ ସଂସାର ବୈରାଗୀ (ସନ୍ନ୍ୟାସତ୍ୱ)ର ମଧ୍ୟବର୍ତ୍ତୀ ପନ୍ଥା ମଧ୍ୟ ରହିଛି, ସେହି ପନ୍ଥାକୁ ଅବଲମ୍ବନ କରିବା ନିମନ୍ତେ ଇସ୍‌ଲାମ୍ ଧର୍ମ ଆଦେଶ ଦେଇଛି । କିନ୍ତୁ ଗୋଟିଏ କଥା ସବୁବେଳେ ମନେ ରଖିବା ଉଚିତ୍ ଯେ, ଅଲ୍ଲାଃତାଲାଙ୍କୁ କେବେ ବି ଛାଡ଼ନ୍ତୁ ନାହିଁ । ଏଥି ସଂକ୍ରାନ୍ତରେ ସର୍ବଦା ଖୁବ୍ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି । ଏହା ଥିଲା ଆପଣ ଅ.ସଙ୍କ ପ୍ରେମ ଏବଂ ଆନ୍ତରୀକତା ଓ ଉପାସନାର କେତେକ ପକ୍ଷ ଯାହାକୁ ଆଜି ମୁଁ ଏହି ଖୁତ୍‌ବା ମାଧ୍ୟମରେ ଆପଣମାନଙ୍କ ସମ୍ମୁଖରେ ବର୍ଣ୍ଣନା କରିଛନ୍ତି । ଅଲ୍ଲାଃତାଲା ଏହି ରମ୍‌ଜାନ ମାସରେ ଆମମାନଙ୍କୁ ପ୍ରକୃତ ଉପାସନା କରିବା ଓ ଉପାସନାର ପ୍ରକୃତ କର୍ତ୍ତବ୍ୟ ନିର୍ବାହ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ଅଲ୍ଲାଃତାଲା ଆପଣମାନଙ୍କୁ ନିଜର ପ୍ରେମରେ ଆମମାନଙ୍କୁ ଉନ୍ନତି କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । କାରଣ ଆମେମାନେ ଅଧିକରୁ ଅଧିକ ରମ୍‌ଜାନ୍ ମାସର କଲ୍ୟାଣରୁ ଉପକୃତ ହେଉଥିବୁ ଏବଂ ରମ୍‌ଜାନ ମାସ ପରେ ମଧ୍ୟ କଲ୍ୟାଣର ପ୍ରଭାବ ଆମମାନଙ୍କ ଉପରେ ଅବ୍ୟାହତ ରହୁ । ଅଲ୍ଲାଃତାଲା ଆମମାନଙ୍କୁ ଏପରି ଗଢନ୍ତୁ ଯେପରିକି ଜଣେ ପ୍ରକୃତ ବିଶ୍ୱାସକାରୀ ଏବଂ ଜଣେ ପ୍ରକୃତ ମୁସଲମାନ ବ୍ୟକ୍ତିର ନିଦର୍ଶନ ପ୍ରକଟିତ ହେଉଥିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ଦିନମାନଙ୍କରେ ସମସ୍ୟାଗ୍ରସ୍ତ ଏବଂ ମିଛ ମକଦ୍ଦମାର ଗିରଫ ହୋଇଥିବା ଅହମଦିମାନଙ୍କ ନିମନ୍ତେ ବହୁତ ଦୁଆ କରନ୍ତୁ । ଅହମଦି ଭାଇମାନଙ୍କ ନିମନ୍ତେ ଅଲ୍ଲାଃତାଲା ସହଜତା ସୃଷ୍ଟି କରନ୍ତୁ । ମୁସଲମାନମାନଙ୍କୁ ମଧ୍ୟ ଦୁଆରେ ମନେରଖନ୍ତୁ, ସଂସାରର ବିନାଶରୁ ବର୍ତ୍ତିବା ନିମନ୍ତେ ଦୁଆ କରନ୍ତୁ । ଅଲ୍ଲାଃତାଲା ନିରୀହମାନଙ୍କୁ ଉପଦ୍ରବୀ ତଥା ଅତ୍ୟାଚାରୀମାଙ୍କର ଉପଦ୍ରବରୁ ରକ୍ଷା କରନ୍ତୁ, ଯୁଦ୍ଧ ଏବଂ ବିନାଶ ଯଦି ଭାଗରେ ରହିଛି ତେବେ ଅଲ୍ଲାଃତାଲା ସର୍ବଦା ନିରୀହ ଲୋକମାନଙ୍କୁ ରକ୍ଷା କରନ୍ତୁ ଏବଂ ଅତ୍ୟାଚାରୀମାନଙ୍କୁ ଶୀଘ୍ର ଧରପକଡ଼ କରନ୍ତୁ । ଆମିନ୍ । **(ଅଲଫଜଲ୍ ଇଣ୍ଟରନ୍ୟାସନଲ୍, 13 ମାର୍ଚ୍ଚ 2026 ମସିହା, ପୃ-1-8)**

☆☆☆

## ଜମାଅତ୍ ଅହମଦିୟା ମେହମୁଦାବାଦ୍ (ଓଡ଼ିଶା) ଠାରେ ମୁସିୟାନ୍‌ମାନଙ୍କର ରିଫ୍ରେଶର କୋର୍ସ...

ଫେବୃୟାରୀ ମାସ 1 ତାରିଖ ଦିନ ହଲ୍‌କା ମେହମୁଦାବାଦ୍ ସ୍ଥିତ ମସ୍‌ଜିଦ୍ ନାସ୍‌ରାବାଦ୍ ଠାରେ ମୁସିୟାନ୍ (ଓସିୟତ୍ କରିଥିବା ବ୍ୟକ୍ତି)ମାନଙ୍କର ଏକ ରିଫ୍ରେଶର କୋର୍ସର ଆୟୋଜନ ହୋଇଥିଲା । ଯହିଁରେ 53 ଜଣ ମୁସିୟାନମାନେ ଅଂଶଗ୍ରହଣ କରିଥିଲେ । ଶ୍ରୀଯୁକ୍ତ ଓସିମୁଦ୍ଦୀନ୍ ସାହେବ ସଦର୍ ଜମାଅତ୍ ଉକ୍ତ କାର୍ଯ୍ୟକ୍ରମର ସଭାପତିତ୍ୱ କଲେ ଏବଂ ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ମୁବଲ୍ଲିଗ୍ ଇନ୍‌ଚାର୍ଜ ଶ୍ରୀଯୁକ୍ତ ମୌଲବୀ ହଲିମ୍ ଅହମଦ୍ ସାହେବ ନିମ୍ନୋକ୍ତ ପ୍ରସଙ୍ଗ ଉପରେ ଆଲୋକପାତ କଲେ:

- ☆ ରିସାଲା ଅଲ୍ ଓସିୟତ୍ ସଂପର୍କରେ ନିଜାମେ ଓସିୟତ୍‌ର ଅଭିପ୍ରାୟ ।
- ☆ ନିଜାମେ ଖିଲାଫତ୍ ନିଜାମେ ଆସ୍‌ମାନୀ (ଖିଲାଫତ୍ ହିଁ ଐଶୀ ବ୍ୟବସ୍ଥା ଅଟେ)।
- ☆ ମୁସିୟାନ୍‌ମାନଙ୍କର ମର୍ଯ୍ୟାଦା ଓ ମହତ୍ତ୍ୱ ।
- ☆ ମୁସିୟାନ୍‌ମାନଙ୍କର ଏହି ଦାୟିତ୍ୱାବଳୀ ରହିଛି ଯେ, ସେମାନେ ଅନ୍ୟମାନଙ୍କୁ ପବିତ୍ର କୁରଆନ୍ କରିମ୍ ପାଠ କରନ୍ତୁ ।
- ☆ ଯେଉଁ ଲୋକମାନେ ଏପର୍ଯ୍ୟନ୍ତ ଏହି ଆକାଶୀୟ ବ୍ୟବସ୍ଥାରେ ସାମିଲ୍ ହୋଇ ନାହାନ୍ତି ସେମାନଙ୍କୁ ଉକ୍ତ ବ୍ୟବସ୍ଥାରେ ସାମିଲ୍ କରାନ୍ତୁ ।

ଉପରୋକ୍ତରେ ବର୍ଣ୍ଣିତ ପ୍ରସଙ୍ଗ ସଂପର୍କରେ ସ୍ୱଷ୍ଟ ଭାବରେ ମୁସିୟାନ୍‌ମାନଙ୍କୁ ବୁଝାଇ ଦିଆଗଲା । ଏହି ରିଫ୍ରେଶର୍ କୋର୍ସ ଦୀର୍ଘ ଅଢେଇ ଘଣ୍ଟା ଧରି ଜାରି ରହିଥିଲା । **(ବିନୀତ: ହଲିମ୍ ଅହମଦ, ମୁବଲ୍ଲିଗ୍ ଇନ୍‌ଚାର୍ଜ, ଖୋର୍ଦ୍ଧା ଓ ନୟାଗଡ଼, ଓଡ଼ିଶା)**

☆☆☆

## ଦେଶ ବ୍ୟାପୀ ଜମାଅତ୍ ଅହମଦିୟାରେ ଜଲସା ୟୌମେ ମୁସଲେହ୍ ମଉଦର ଭବ୍ୟ ଅନୁଷ୍ଠାନ (ଆୟୋଜନ)

ଫେବୃୟାରୀ ମାସ 20 ତାରିଖ ଦିନ ୟୌମେ ମୁସ୍‌ଲେହ୍ ମଉଦ୍ ଅବସରରେ ଭାରତର ବିଭିନ୍ନ ଜମାଅତ୍‌ମାନଙ୍କରେ ଜଲସା ୟୌମେ ମୁସ୍‌ଲେହ୍ ମଉଦ୍ ଅତ୍ୟନ୍ତ ଭବ୍ୟତାର ସହିତ ଅନୁଷ୍ଠିତ ହେଲା । ଇତ୍ୟବସରରେ ଅତ୍‌ଫାଲୁଲ୍ ଅହମଦିୟା ଏବଂ ଖୁଦାମୁଲ୍ ଅହମଦିୟାର ଶୈକ୍ଷିକ, କ୍ରୀଡ଼ାଭିତ୍ତିକ ପ୍ରତିଯୋଗୀତା ମଧ୍ୟ ଆୟୋଜିତ ହେଲା । କେତେକ ଜମାଅତମାନଙ୍କରେ ଖୁଦାମ୍ ଓ ଅତ୍‌ଫାଲ୍‌ମାନେ ମତନ୍ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ମୁଖସ୍ଥ କରି ମୌଖିକ ଶୁଣାଇଲେ ଏବଂ ସେମାନଙ୍କ ମଧ୍ୟରେ ପୁରସ୍କାର ମଧ୍ୟ ବିତରଣ କରାଗଲା । ଅତଏବ୍ ଯେଉଁ ଜମାଅତ୍‌ମାନଙ୍କର ଏହି ଅନୁଷ୍ଠାନ ଅର୍ଥାତ୍ ଜଲସା ଅନୁଷ୍ଠିତ ହୋଇଥିଲା ସେମାନଙ୍କର ନାମ ନିମ୍ନରେ ପ୍ରଦାନ କରାଗଲା:

ଜମାଅତ୍ ଅହମଦିୟା କେରଙ୍ଗ, ତାରାକୋଟ୍ (ଓଡ଼ିଶା), ଲଜ୍‌ନା ଇମାଇଲ୍ଲାଃ ଓ ନାସ୍ରାତୁଲ୍ ଅହମଦିୟା କେରଙ୍ଗ, ଜମାଅତ୍ ଅହମଦିୟା ଅମ୍ରୋହା (ୟୁ.ପି), ଜମାଅତ୍ ଅହମଦିୟା ଖଜୁରୀପଡ଼ା (ଓଡ଼ିଶା), ଜମାଅତ୍ ଅହମଦିୟା କାରିପଡ଼ା (ପଶ୍ଚିମବଙ୍ଗ), ପୂର୍ବା ଅତାପୁର (ପଶ୍ଚିମବଙ୍ଗ), ପଙ୍କାଳ (ଓଡ଼ିଶା), ନିଲହଟ୍ଟି (ପଶ୍ଚିମବଙ୍ଗ), ବାର୍ ଛକ (ଓଡ଼ିଶା), ଅଲାପୁର୍ ଦୱାର୍ (ପଶ୍ଚିମବଙ୍ଗ), ଭରତପୁର (ପଶ୍ଚିମବଙ୍ଗ), ଚାନ୍ଦାପରୁ (ତେଲେଙ୍ଗାନା), ଜମାଅତ୍ ଅହମଦିୟା ପୁଞ୍ଛ (ଜାମ୍ମୁ କାଶ୍ମୀର) (ସମ୍ପାଦକ ମଣ୍ଡଳୀ)

## 131 ତମ ଜଲ୍‌ସା ସାଲାନା କାଦିୟାନ୍, ତା- 25, 26, 27 ଡିସେମ୍ବର, 2026 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 131 ତମ ଜଲ୍‌ସା ସାଲାନା କାଦିୟାନ୍ 2026 ମସିହା ନିମନ୍ତେ ତା-25, 26, 27, ଡିସେମ୍ବର 2026 ମସିହା (ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ମଞ୍ଜୁର୍ (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ଆମମାନଙ୍କୁ ସେହି ସମସ୍ତ ଦୁଆର ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

☆☆☆

## ସିରତୁଲ୍ ମେହଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ)

(25) بِسۡمِ اللّٰہِ الرَّحۡمٰنِ الرَّحِیۡمِ ମାତାଶ୍ରୀ ମୋତେ କହିଲେ, ଯେତେବେଳେ ମିର୍ଜା ଫଜଲ୍ ଅହମଦ ମୃତ୍ୟୁବରଣ କଲା ସେତେବେଳେ ତା'ର କିଛି କାଳ ପରେ ହ. ସାହେବ ମୋତେ କହିଲେ, "ସନ୍ତାନ ସହିତ ସମ୍ପତ୍ତିର ଭାଗ ବଣ୍ଟନକାରୀ କେବଳ ଫଜଲ୍ ଅହମଦ ହିଁ ଥିଲା । ତେଣୁ ସେହି ନିରୀହ ପ୍ରାଣଟି ମଧ୍ୟ ଚାଲିଗଲା । ବିନୀତ (ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ର.ଅ)କହି ଦେଉଛି ଯେ, ଆମ ଦଦାଙ୍କର ଦୁଇ ଜଣ ପୁତ୍ର ସନ୍ତାନ ଥିଲେ । ଜଣେ ହ. ସାହେବ ଯାହାଙ୍କ ନାମ ମିର୍ଜା ଗୁଲାମ୍ ଅହମଦ ଅ.ସ ଥିଲା ଏବଂ ଅନ୍ୟ ଜଣେ ମିର୍ଜା ଗୁଲାମ୍ କାଦିର୍ ସାହେବ ର.ଅ ଥିଲେ । ମିର୍ଜା ଗୁଲାମ୍ କାଦିର୍ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ଠାରୁ ବଡ଼ ଥିଲେ । ଆମ ଦଦା କାଦିୟାନ୍‌ର ଜମିରେ ଦୁଇଟି ଗ୍ରାମ ବସତି ସ୍ଥାପନ କରି ସେହି ଦୁଇଟି ଗ୍ରାମର ନାମ ନିଜର ପୁତ୍ରଙ୍କ ନାମାନୁଯାୟୀ ନାମିତ କରିଥିଲେ । ସୁତରାଂ ଗୋଟିଏ ଗ୍ରାମର ନାମ କାଦିରାବାଦ୍ ରଖିଲେ ଏବଂ ଅନ୍ୟ ଗ୍ରାମର ନାମ ଅହମଦାବାଦ୍ ରଖିଲେ । ଅହମଦାବାଦ୍ କୌଣସ ପ୍ରକାରେ ଆମ ବଂଶ ହାତରୁ ଖସିଗଲା ଏବଂ କେବଳ କାଦିରାବାଦ ରହିଗଲା । ସୁତରାଂ କାଦିରାବାଦ୍ ହ. ମସିହ୍ ମଉଦ୍ ଅ.ସଙ୍କ ସନ୍ତାନମାନଙ୍କ ମଧ୍ୟରେ ବଣ୍ଟା ହେଲା। ତହିଁରେ ମିର୍ଜା ସୁଲ୍‌ତାନ୍ ଅହମଦ୍ ସାହେବ ର.ଅଙ୍କ ଭାଗ ମଧ୍ୟ ପଡ଼ିଲା । କିନ୍ତୁ ଭଗବାନଙ୍କ ଲୀଳା ଦେଖନ୍ତୁ ଯେ, 40 ବର୍ଷ ପରେ ଯେଉଁ ଅହମଦାବାଦ ଆମ ବଂଶ ହାତରୁ ଖସି ଅଣ ବଂଶଙ୍କ ହାତକୁ ଚାଲି ଯାଇଥିଲା। ତାହା ପୁନଶ୍ଚ ଆମ ଅକ୍ତିଆରକୁ ଚାଲି ଆସିଲା । ବର୍ତ୍ତମାନ ତାହା ସଂପୂର୍ଣ୍ଣ ରୂପେ କେବଳ ଆମ ତିନି ଭାଇମାନଙ୍କ ପାଖରେ ହିଁ ରହିଛି । ଅର୍ଥାତ୍ ମିର୍ଜା ସୁଲ୍‌ତାନ୍ ଅହମଦ ସାହେବଙ୍କର ତହିଁରେ କୌଣସି ଭାଗ ନାହିଁ । ସେହିପରି ବିନୀତ କହି ଦେଉଛି ଯେ, କାଦିରାବାଦ୍ କାଦିୟାନ୍ ଠାରୁ ପୂର୍ବ ଦିଗର ଅବସ୍ଥିତ ଅଟେ ଏବଂ ଅହମଦାବାଦ ଉତ୍ତର ଦିଗରେ ଅବସ୍ଥିତ ଅଟେ । "

(26) بِسۡمِ اللّٰہِ الرَّحۡمٰنِ الرَّحِیۡمِ ମୋତେ ଡାକ୍ତର ମୀର୍ ମୁହମ୍ମଦ ଇସ୍‌ମାଇଲ୍ ସାହେବ (ଯେ କି ବିନୀତର ପ୍ରକୃତ ମାମୁଁ ଅଟନ୍ତି) କହିଲେ, ଯେତେବେଳେ ହ. ମସିହ୍ ମଉଦ୍ ଅ.ସ ଲୁଧିୟାନା ଠାରେ ମସିହ୍ ହେବାର ଦାବି ପ୍ରକାଶିତ କଲେ ସେତେବେଳେ ମୁଁ ସେହି ଦିନମାନଙ୍କରେ ଛୋଟ ଥିଲି ଏବଂ ବୋଧେ ତୃତୀୟ ଶ୍ରେଣୀରେ ପାଠ ପଢୁଥିଲି। ଏହି ଦାବି ସଂପର୍କରେ ମୁଁ କିଛି ବି ଜାଣି ନଥିଲି କି ଅବଗତ ମଧ୍ୟ ନଥିଲି । ଦିନେ ମୁଁ ମାଦ୍ରାସା ଗଲି । ତେବେ ସେଠାରେ କେତେକ ଛାତ୍ରମାନେ ମୋତେ କହିଲେ, ସେ ଯେଉଁ କାଦିୟାନ୍‌ର ମିର୍ଜା ସାହେବ ତୁମ ଘରେ ଅଛନ୍ତି ନା ସେ ଦାବି କରିଛନ୍ତି ଯେ, ହ. ଇସା ଅ.ସ ମୃତ୍ୟୁବରଣ କରି ସାରିଛନ୍ତି ଏବଂ ସେ ସ୍ୱୟଂ ଆଗମନକାରୀ ମସିହ୍ ଅଟନ୍ତି। ଡାକ୍ତର ସାହେବ କୁହନ୍ତି ମୁଁ ସେମାନଙ୍କ କଥାକୁ ଖଣ୍ଡନ କଲି ଯେ, ଏହା କିପରି ସମ୍ଭବ ଯେ, ହ. ଇସା ଅ.ସ ଜୀବିତ ଅଛନ୍ତି ଏବଂ ସେ ଆକାଶରୁ ଅବତୀର୍ଣ୍ଣ କରିବେ । ସେ ଯାହା ହେଉ ମୁଁ ଯେତେବେଳେ ଘରକୁ ଗଲି ସେତେବେଳେ ହ. ସାହେବ ବସିଥିଲେ । ମୁଁ ଆପଣଙ୍କୁ ସମ୍ବୋଧିତ କରି କହିଲି ଯେ, ପିତାଶ୍ରୀ ! ମୁଁ ଶୁଣିଛି ଯେ, ଆପଣ କହୁଛନ୍ତି ଯେ, ଆପଣ ମସିହ୍ ଅଟନ୍ତି । ଡାକ୍ତର ସାହେବ କହିଲେ, ମୋର ପ୍ରଶ୍ନ ଶୁଣି ହ. ସାହେବ ନିରବତାର ସହିତ ଉଠିଲେ ଏବଂ ଆଲମିରା ଭିତରୁ "**ଫତହ୍ ଇସଲାମ୍**" ନାମକ ଏକ ପୁସ୍ତକ (ଯାହା ଆପଣ ଅ.ସଙ୍କ ଦ୍ୱାରା ରଚିତ ହୋଇଥିଲା) ଆଣି ଦେଇଦେଲେ ଏବଂ କହିଲେ, ଏହି ପୁସ୍ତକକୁ ପାଠ କରେ । ଡାକ୍ତର ସାହେବ କହୁଥିଲେ ଯେ, ଏହି ପୁସ୍ତକଟି ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାର ଏକ ବଳିଷ୍ଠ ପ୍ରମାଣ ଅଟେ । କାରଣ ଆପଣ ଅ.ସ ଏକ ଛୋଟିଆ ବାଳକର ଏକ ସାଧାରଣ ପ୍ରଶ୍ନକୁ ଏତେ ଗମ୍ଭୀରତାର ସହିତ ଧ୍ୟାନ ଦେଇଥିଲେ । ଅନ୍ୟଥା ଆପଣ ଅ.ସ ହେୟ ତଥା ଏହିପରି ସାଧାରଣ କଥା କହି ଅଣଦେଖା କରି ଦେଇ ପାରିଥାଆନ୍ତେ । **(ଅବଶିଷ୍ଟାଂଶ..... ପରବର୍ତ୍ତୀ ସଂଖ୍ୟାରେ)**

☆☆☆

## ପୃ-01 ରେ ବର୍ଣ୍ଣିତ ତଫସିର୍ କବିରର ଅବଶିଷ୍ଟାଂଶ

ଯେଉଁ ପ୍ରସଙ୍ଗ ଈଶ୍ୱରଙ୍କ ସାନିଧ୍ୟରେ ବାଧକ ଅଟନ୍ତି ତହିଁରୁ ତୁମେମାନେ ବର୍ତ୍ତିବା ପାଇଁ ସର୍ବଦା ପ୍ରୟାସ କରୁଥାଅ । (3) ହେ ବିଶ୍ୱାସକାରୀମାନେ ! ଯେତେବେଳେ ତୁମମାନଙ୍କୁ ଆଦେଶାବଳୀ ଦିଆଯାଏ, ଯେଉଁ ଆଦେଶାବଳୀ ମାଧ୍ୟମରେ ତୁମେମାନଙ୍କୁ ଈଶ୍ୱରଙ୍କ ସାନ୍ନିଧ୍ୟ ତଥା ସାମୀପ୍ୟତା ପ୍ରାପ୍ତ ହୋଇଥାଏ ତେବେ ତୁମେମାନେ ସେହିସବୁ ଆଦାଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଆଳସ୍ୟତା ପ୍ରଦର୍ଶନ କର ନାହିଁ । ବରଂ ତୁମେମାନେ ପ୍ରଭୁଙ୍କ ପ୍ରଦତ୍ତ ଆଦେଶାବଳୀ ଉପରେ ଅବିଚଳତାର ସହିତ କାର୍ଯ୍ୟାନୁସରଣ କର ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କହିଲେ, ଏହି ତିନୋଟି ପ୍ରସଙ୍ଗ ଆଧାତ୍ମିକ ସ୍ତର ପ୍ରାପ୍ତ କରିବା ନିମନ୍ତେ ସହାୟକ ଅଟନ୍ତି । ତେଣୁ ତୁମେମାନ ଏହିସବୁ ପ୍ରସଙ୍ଗକୁ ନିଜ ଦୃଷ୍ଟି ସମ୍ମୁଖରେ ରଖ । ଯଦି ତୁମେମାନେ ଏପରି କରିବ ତେବେ ଯେଉଁ କାର୍ଯ୍ୟ ତୁମ ସମ୍ମୁଖରେ ରହିଛି ତାହାକୁ ପୂର୍ଣ୍ଣ କରିବା ନିମନ୍ତେ ତୁମେମାନଙ୍କୁ ସଫଳତା ପ୍ରାପ୍ତ ହେବ ଏବଂ ତୁମକୁ ତୁମର ଲକ୍ଷ୍ୟ ପ୍ରାପ୍ତି ହେବ । ସେହିପରି ସଲାତ୍‌ର (ନମାଜର) ଅର୍ଥକୁ ଦୃଷ୍ଟିରି ରଖି ଉକ୍ତ ଆୟତ୍‌ର ଏହି ଅର୍ଥ ହେବ ଯେ, (1) ହେ ବିଶ୍ୱାସକାରୀମାନେ ! ତୁମେମାନେ ନମାଜ୍ ମାଧ୍ୟମରେ ଈଶ୍ୱରଙ୍କ ଠାରୁ ସହାଯ୍ୟ ଲୋଡ଼ । (2) ହେ ବିଶ୍ୱାସକାରୀମାନେ ତୁମେମାନେ ଦୁଆ (ପ୍ରାର୍ଥନା) ମାଧ୍ୟମରେ ତାହାଙ୍କ (ଈଶ୍ୱରଙ୍କ) ଠାରୁ ସାହାଯ୍ୟ ପ୍ରାପ୍ତ କର । (3) ହେ ବିଶ୍ୱାସକାରୀମାନେ ! ତୁମେମାନେ ଧର୍ମ ଉପରେ ଅବିଚଳତାର ସହିତ ପ୍ରତିଷ୍ଠିତ ହୋଇଯିବା ଦ୍ୱାରା (ପରେ) ତାହାଙ୍କ (ଈଶ୍ୱରଙ୍କ) ଠାରୁ ସାହାଯ୍ୟ ଲୋଡ଼ । (4) ହେ ବିଶ୍ୱାସକାରୀମାନେ ! ତୁମେମାନେ ଈଶ୍ୱରଙ୍କ ପ୍ରାଣୀମାନଙ୍କ ଉପରେ ଦୟା ଓ କୃପା ପ୍ରଦର୍ଶନ କରି ତାହାଙ୍କ (ଈଶ୍ୱରଙ୍କ) ଠାରୁ ସାହାଯ୍ୟ ପ୍ରାପ୍ତ କର । (5) ହେ ବିଶ୍ୱାସକାରୀମାନେ ! ତୁମେମାନେ ଈଶ୍ୱରଙ୍କ ସମକ୍ଷରେ ଇସ୍ତିଗ୍‌ଫାର (କ୍ଷମା ଯାଚନା) ଏବଂ ନିଜର ପାପ ନିମନ୍ତେ କ୍ଷମା ମାଗି ତାହାଙ୍କ (ଈଶ୍ୱରଙ୍କ) ଠାରୁ ସାହାଯ୍ୟ ପ୍ରାପ୍ତ କର। (6) ହେ ବିଶ୍ୱାସକାରୀମାନେ ! ତୁମେମାନେ ଈଶ୍ୱରଙ୍କ ବାର୍ତ୍ତାବହଙ୍କ ଉପରେ ଦୁରୁଦ୍ (ଶାନ୍ତି ଅବତୀର୍ଣ୍ଣ ହେବା ନିମନ୍ତେ ଦୁଆ କରିବା) ପ୍ରେରଣ କରି ତାହାଙ୍କ (ଈଶ୍ୱରଙ୍କ) ଠାରୁ ସାହାଯ୍ୟ ପ୍ରାପ୍ତ କର । ଅର୍ଥାତ୍ ଏସବୁ ସମସ୍ତ ଅଲ୍ଲାଃତାଲାଙ୍କ ସାହାଯ୍ୟ ଏବଂ ସମର୍ଥନ ପ୍ରାପ୍ତିର ମାଧ୍ୟମ ଅଟନ୍ତି । ସୁରତୁଲ୍ ଫାତିହାରେ ଏହା କୁହାଯାଇଛି ଯେ, ତୁମେମାନେ إِيَّاكَ نَعْبُدُ وَإِيَّاكَ نَسْتَعِينُ କହୁଥାଅ । ଅର୍ଥାତ୍ ହେ ଈଶ୍ୱର ! ଆମ୍ଭେ ତୁମ୍ଭରି ଉପାସନା କରୁ ଏବଂ ତୁମ୍ଭ ଠାରୁ ହିଁ ସାହାଯ୍ୟ ଲୋଡ଼ିଥାଉ । ଅଲ୍ଲାଃତାଲା କୁହନ୍ତି ଯେ, ସେହି ମାଧ୍ୟମଗୁଡ଼ିକ ହେଲେ- (1) ଧର୍ମମାର୍ଗରେ ଯେଉଁ ବିପତ୍ତି ତଥା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ଏବଂ ତୁମମାନଙ୍କୁ ଯେଉଁ ବଳିଦାନ ଉପସ୍ଥାପିତ କରିବାକୁ ପଡ଼ିବ ତହିଁରୁ ତୁମେମାନେ ବିଚଳିତ (ଜମା ଘାବରେଇବ ନାହିଁ) । (2) ଅଲ୍ଲାଃତାଲା ଯେଉଁ ପ୍ରସଙ୍ଗ ସଂପର୍କରେ ତୁମମାନଙ୍କୁ ବାରଣ କରିଛନ୍ତି ସେହି ପ୍ରସଙ୍ଗରୁ ତୁମେମାନେ ନିବୃତ୍ତ ରୁହ । (3) ସେହି ବଳିଦାନ ଯାହା ଈଶ୍ୱରଙ୍କ ସାନ୍ନିଧ୍ୟ ପ୍ରାପ୍ତି ନିମନ୍ତେ ଆବଶ୍ୟକ ଅଟେ ତାହାକୁ ତୁମେମାନେ ପରିତ୍ୟାଗ କର ନାହିଁ ଓ ନା ହିଁ ତାହା ଉପରେ ତୁମେମାନେ ନିୟମାନୁବର୍ତ୍ତୀ ହୁଅ । (4) ତୁମେମାନେ ଦୁଆ କର । କାରଣ ଅଲ୍ଲାଃତାଲା ତୁମମାନଙ୍କ ବଳିଦାନର ସର୍ବୋତ୍ତମ ଫଳାଫଳ ସୃଷ୍ଟି କରିବେ ଏବଂ ତୁମମାନଙ୍କର ଦୁଆକୁ ସ୍ୱୀକାର କରି ତୁମମାନଙ୍କୁ ବିଜୟ ପ୍ରଦାନ କରିବେ । (5) ଅଭାବି ଏବଂ ଦରିଦ୍ରମାନଙ୍କ ପ୍ରତି ସହାନୁଭୂତି ଏବଂ ଦୟାମୂଳକ ବ୍ୟବହାର ପ୍ରଦର୍ଶନକର । କାରଣ ଈଶ୍ୱରଙ୍କ ସୃଷ୍ଟ ପ୍ରାଣୀମାନଙ୍କୁ ସୁଖ ପ୍ରଦାନ କରିବା ଯୋଗୁଁ ଈଶ୍ୱର ମଧ୍ୟ ତୁମ ଉପରେ ପ୍ରସନ୍ନ ହେବେ। (6) ତୁମେମାନେ ଈଶ୍ୱରଙ୍କ ଠାରୁ ନିଜ ପାପ ନିମନ୍ତେ କ୍ଷମାଯାଚନା କରୁଥାଅ । (7) ଅବତାରମାନଙ୍କ ଉପରେ ଦୁରୁଦ୍ ପ୍ରେରଣ କର । କାରଣ ତାହାଙ୍କ ମାଧ୍ୟମରେ ହିଁ ତୁମମାନଙ୍କୁ ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥାଏ । (8) ଈଶ୍ୱରଙ୍କ ଧର୍ମ ଉପରେ ଅବିଚଳତା ଦେଖାଇବା ନିମନ୍ତେ ଉଦ୍ୟମ କର । (9) ଉପାସନା କରିବା ପ୍ରତି ଦୃଢ଼ମନା ହୁଅ । ଅଲ୍ଲାଃତାଲା ଏସବୁ ପ୍ରସଙ୍ଗ ସଫଳତା ପ୍ରାପ୍ତ କରିବା ନିମନ୍ତେ ବର୍ଣ୍ଣନା କରିଛନ୍ତି । ତେଣୁ ଯେକେହି ଈଶ୍ୱରଙ୍କ ସାହାଯ୍ୟ ପ୍ରାପ୍ତ କରିବାକୁ ଚାହୁଁଛି ତା' ନିମନ୍ତେ ଏହି 9ଟି ପ୍ରସଙ୍ଗ (କଥା) ଉପରେ କାର୍ଯ୍ୟାନୁସରଣ କରିବା ଜରୁରୀ ଓ ବିଧେୟ ଅଟେ । ସାହଯ୍ୟ ପ୍ରାପ୍ତ କରିବା ନିମନ୍ତେ ଏହିସବୁ ମାଧ୍ୟମ ଉପରେ କାର୍ଯ୍ୟାନୁସରଣ କରିବା ଜରୁରୀ ଅଟେ । ଯେଉଁ ବ୍ୟକ୍ତି ଘାବରେଇ କିମ୍ବା ନିରାଶ ହୋଇଯାଇଥାଏ ଏବଂ ପୁନଶ୍ଚ ଏହି ଆଶା କରେ କି ଈଶ୍ୱରଙ୍କ ଦେବଦୂତମାନେ ତାକୁ ସାହାଯ୍ୟ କରିବା ନିମନ୍ତେ ଆକାଶରୁ ଅବତୀର୍ଣ୍ଣ ହେବେ ତେବେ ସେହି ବ୍ୟକ୍ତି ଈଶ୍ୱରଙ୍କ ସାହାଯ୍ୟ ପ୍ରାପ୍ତ କରିବାରେ କେବେ ବି ସଫଳ ହୋଇ ପାରିବ ନାହିଁ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଆଦେଶାବଳୀକୁ ଅଣଦେଖା କରେ ଏବଂ ତତ୍‌ସହିତ ଏହି ଆଶା ପୋଷଣ କରେ ଯେ, ଈଶ୍ୱରଙ୍କ ଦେବଦୂତମାନେ ତା' ପାଇଁ ଅବତୀର୍ଣ୍ଣ ହେବେ ତେବେ ସେହି ବ୍ୟକ୍ତି କଦାପି ସଫଳ ହୋଇ ପାରିବି ନାହିଁ । ଯେଉଁ ବ୍ୟକ୍ତି ବଳିଦାନ ଦେବାକୁ ଦ୍ୱନ୍ଦ ପ୍ରକାଶ କରେ ଏବଂ ଈଶ୍ୱରଙ୍କ ଦ୍ୱାରା ଲାଗୁ ହୋଇଥିବା ଦାୟିତ୍ୱାବଳୀକୁ ସଂପାଦନ କରିବାକୁ ଅସମର୍ଥ ରହିଥାଏ ତେବେ ସେହି ବ୍ୟକ୍ତି କଦାପି ସଫଳ ହୋଇ ପାରିବି ନାହିଁ। ଯେଉଁ ବ୍ୟକ୍ତି ଦୁଆ କରେ ନାହିଁ ଏବଂ ଈଶ୍ୱରଙ୍କ ସମ୍ମୁଖରେ ବିନୀତତାମୂଳକ ଭାବରେ ନିବେଦନ (ଗୁହାରି) କରି ନଥାଏ ଏବଂ ଏସବୁ ସତ୍ତ୍ୱେ ତାହାଙ୍କ ଚମତ୍କାରିକମୂଳକ ସମର୍ଥନ ଅଭିଳାଷୀ ହୋଇଥାଏ ତେବେ ସେହି ବ୍ୟକ୍ତି କଦାପି ସଫଳ ହୋଇ ପାରିବି ନାହିଁ । ଯେଉଁ ବ୍ୟକ୍ତି ଧର୍ମ ପ୍ରସଙ୍ଗରେ ସ୍ୱାଭିମାନ ପ୍ରଦର୍ଶନ କରେ ନାହିଁ ଏବଂ ଧର୍ମର ଉନ୍ନତିରେ ସହାୟକ ହୁଏ ନାହିଁ ସେହି ବ୍ୟକ୍ତି ଶତ୍ରୁ ବିପକ୍ଷରେ କେବେ ବି ସଫଳ ହୋଇ ପାରିବ ନାହିଁ । ଯେଉଁ ବ୍ୟକ୍ତି ଅଭାବି ଏବଂ ଦରିଦ୍ରମାନଙ୍କ ଉପରେ ଦୟା ପ୍ରଦର୍ଶନ କରେ ନାହିଁ ଏବଂ ସେମାନଙ୍କର ଦୁଃଖ ଯନ୍ତ୍ରଣାକୁ ଦୂର କରିବା ନିମନ୍ତେ ସହାୟକ ହୁଏ ନାହିଁ ତେବେ ସେହି ବ୍ୟକ୍ତି ସମସ୍ୟା ସମୟରେ ଈଶ୍ୱରଙ୍କ ସାହାଯ୍ୟ ପ୍ରାପ୍ତ କରିବାରେ କେବେ ବି ସଫଳ ହୋଇପାରିବ ନାହିଁ । ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ବାର୍ତ୍ତାବହଙ୍କ ଉପରେ ଦୁରୁଦ୍ ପ୍ରେରଣ କରେ ନାହିଁ, ତାହାଙ୍କ ନିମନ୍ତେ ଦୁଆ କରେ ନାହିଁ ଏବଂ ତାହାଙ୍କ ଉପକାରର କୃତଜ୍ଞତା ଜ୍ଞାପନ କରିବାର ମନୋଭାବ ନିଜ ମନରେ ପୋଷଣ କରେ ନାହିଁ ତେବେ ସେହି ବ୍ୟକ୍ତି ଈଶ୍ୱରଙ୍କ ସାହାଯ୍ୟ ପ୍ରାପ୍ତ କରିବାରେ କେବେ ବି ସଫଳ ହୋଇପାରିବ ନାହିଁ । ଯେଉଁ ବ୍ୟକ୍ତି ଉପାସନା ଏବଂ ଧର୍ମ ସେବା ନିମନ୍ତେ ନିଜର ସମଗ୍ର ଜୀବନକୁ ଉତ୍ସର୍ଗ କରେ ନାହିଁ ତେବ ସେହି ବ୍ୟକ୍ତି ଈଶ୍ୱରଙ୍କ ସାନ୍ନିଧ୍ୟର ସ୍ତର ତଥା ମର୍ଯ୍ୟାଦା ପ୍ରାପ୍ତ କରିବାରେ କଦାପି ସଫଳ ହୋଇପାରିବ ନାହିଁ । **(ପ୍ରାମାଣ୍ୟ- ତଫସିର୍ କବିର୍, ସୁରତୁଲ୍ ଫାତିହାର ପୃ-286-285)** ☆☆☆

## ପୃ-2 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

ପ୍ରିଣ୍ଟିଂ ପ୍ରେସ୍ (ଛାପା କଳ)ମାନଙ୍କରେ ଇସ୍‌ଲାମୀୟ ଲିଟ୍ରେଚର ପ୍ରକାଶିତ ହେଉଛି। ସଂସାରର ଅନେକ ରାଷ୍ଟ୍ରମାନଙ୍କର ଯାମିଆ ଅହମଦିୟ । ବିଶ୍ୱବିଦ୍ୟାଳୟ ଖୋଲି ସାରିଛି । ଯହିଁରେ ୱାକ୍‌ଫିନେ ଜିନ୍ଦିଗୀମାନେ ଟ୍ରେନିଂ ନେଇ (ତାଲିମ୍ ପ୍ରାପ୍ତ କରି) ପୃଥିବୀ ବ୍ୟାପୀ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ କରୁଛନ୍ତି ।

ଉତ୍ସର୍ଗୀକୃତ ଜୀବନଙ୍କର ଏହି କାଦିୟାନ୍ ଯାତ୍ରା ଭାରତ ବର୍ଷରୁ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ସମଗ୍ର ବିଶ୍ୱରେ ଏହା ପରିବ୍ୟାପ୍ତ ହୋଇଯାଇଛି । ଆମେ ଭାରତବାସୀମାନେ ଏହା ଉପରେ ଯେତେ ଗର୍ବ ପ୍ରକାଶ କଲେ ମଧ ତାହା କମ୍ ଅଟେ। ଅର୍ଥାତ୍ ଆମେମାନେ ସେହି ରାଷ୍ଟ୍ରରେ ବାସ କରୁ ଯେଉଁଠି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଅବତୀର୍ଣ୍ଣ ହୋଇଥିଲେ । ଅର୍ଥାତ୍ ଆବିର୍ଭୂତ ହୋଇଥିଲେ । ଏହିଠାରୁ ହିଁ ସେହି ଆଲୋକ ସମଗ୍ର ବିଶ୍ୱରେ ବ୍ୟାପିଥିଲା । କିନ୍ତୁ ଇତ୍ୟବସରରେ ଆମମାନଙ୍କୁ ମଧ ଅତ୍ୟନ୍ତ ଶୀତଳ ମସ୍ତିଷ୍କ ହୋଇ ସ୍ୱୟଂକୁ ସମୀକ୍ଷା କରିବାକୁ ହେବ ଯେ, ବଳିଦାନର ସେହି ଯାତ୍ରାରେ ଆମମାନଙ୍କର କେତେ ଯୋଗଦାନ ରହିଛି ? ଖିଲାଫତେ ଖାମିସାଙ୍କ ଉକ୍ତ କାଳରେ ଜମାଅତ୍ ସମଗ୍ର ବିଶ୍ୱରେ ଦିନକୁ ଦିନ ଦୁଇଗୁଣା ରାତ୍ରରେ ଚାରିଗୁଣା ଉନ୍ନତି କରି ଚାଲିଛି । ଅର୍ଥାତ୍ ଜମାଅତ୍‌ର ବେଶ୍ ଉନ୍ନିତ ସାଧନ ହୋଇଛି । ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିକୁ ଯେଉଁମାନେ ଭାରତ ବର୍ଷରେ ବାସ କରନ୍ତି ଓ ଭାରତ ବର୍ଷରେ ଅବସ୍ଥାନ କରନ୍ତି ସେମାନେ ବର୍ତ୍ତମାନ ନିଜ ସଂପର୍କରେ ବିଚାର କରନ୍ତୁ ଯେ, ୱାକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ)ର ଏହି ଯାତ୍ରାରେ ସେମାନେ କେଉଁ ସ୍ଥାନରେ ଛିଡ଼ା ହୋଇଛନ୍ତି ?

ହ. ଅମୀରୁଲ୍ ମୁମିନିନ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କୁହନ୍ତି: "ଆପଣମାନଙ୍କ ମଧ୍ୟରୁ ଯେଉଁମାନେ 15 ବର୍ଷ କିମ୍ବା 15ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସର ଅଟନ୍ତି ସେମାନେ ବର୍ତ୍ତମାନ ନିଜର ଭବିଷ୍ୟତ ଏବଂ ନିଜର କ୍ୟାରିୟର ଚୟନ କରିବା ସଂପର୍କରେ ଚିନ୍ତା କରିବାକୁ ଲାଗି ପଡ଼ିବେ । ନିଃସନ୍ଦେହ ରୂପେ ଆପଣମାନଙ୍କୁ ସେହି କ୍ଷେତ୍ର, ସେହି ବିଭାଗ ଚୟନ କରିବା ଉଚିତ୍ ଯେଉଁ କ୍ଷେତ୍ର ତଥା ଯେଉଁ ବିଭାଗରେ ଆପଣ ରୁଚି ରଖୁଛନ୍ତି । କିନ୍ତୁ ମୁଁ ଆପଣମାନଙ୍କ ମଧ୍ୟରୁ ଅଧିକରୁ ଅଧିକ ଛାତ୍ର ଏବଂ ଯୁବକମାନଙ୍କୁ ଏହି ତାଗିଦ୍ କରିବି ଯେ, ଆପଣମାନେ ଯାମିୟା ଅହମଦିୟାରେ ନାମ ଲେଖାଇବା ନିମନ୍ତେ ଆବେଦନ କରିବା ଉପରେ ବିଚାର ବିମର୍ଷ କରନ୍ତୁ । କାରଣ ଆମମାନଙ୍କୁ ପୃଥିବୀ ବ୍ୟାପୀ ମୁବଲ୍ଲିଗିନ୍‌ମାନଙ୍କର ଆବଶ୍ୟକତା ରହିଛି ।"

**(ଅଲ୍ ଫଜଲ୍ ଇଣ୍ଟରନ୍ୟାସନଲ୍, 2016 ମସିହା, ଅଗଷ୍ଟ ମାସ 19 ତାରିଖ)**

ସେହିପରି ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: "ୱାକ୍‌ଫିନେ ଜିନ୍ଦିଗୀମାନଙ୍କ ସଂଖ୍ୟା ଯାମିୟାରେ ଅଧିକ ରହିବା ଉଚିତ୍ । ଆମମାନଙ୍କ ସମ୍ମୁଖରେ ତ' ସମଗ୍ର ଏସିଆ ଭୂଖଣ୍ଡ ରହିଛି, ଆଫ୍ରିକା ରହିଛି, ଇଉରୋପ୍ ରହିଛି, ଅଷ୍ଟ୍ରେଲିୟା ରହିଛି, ଉପଦ୍ୱୀପ ଇତ୍ୟାଦି ପ୍ରତ୍ୟେକ ସ୍ଥାନମାନଙ୍କରେ ଆମମାନଙ୍କୁ ପହଞ୍ଚିବାର ଆବଶ୍ୟକତା ରହିଛି । ପ୍ରତ୍ୟେକ ସ୍ଥାନରେ ଆମମାନଙ୍କୁ ପହଞ୍ଚିବାର ଆବଶ୍ୟକତା ରହିଛି । କେବଳ ପ୍ରତ୍ୟେକ ମହାଦେଶରେ ନୁହେଁ, ପ୍ରତ୍ୟେକ ଦେଶରେ ନୁହେଁ, ପ୍ରତ୍ୟେକ ସହରରେ ନୁହେଁ ବରଂ ପ୍ରତ୍ୟେକ ରାଷ୍ଟ୍ର, ପ୍ରତ୍ୟେକ ରାଜ୍ୟ, ପ୍ରତ୍ୟେକ ଜିଲ୍ଲା, ପ୍ରତ୍ୟେକ ପ୍ରାନ୍ତ, ପ୍ରତ୍ୟେକ ଗ୍ରାମରେ ସଂସାରର ପ୍ରତ୍ୟେକ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷାର ବାର୍ତ୍ତାକୁ ପହଞ୍ଚାଇବାର ଅଛି । ଉକ୍ତ କାର୍ଯ୍ୟକୁ ସ୍ୱଳ୍ପ ମୁବଲ୍ଲିଗିନ୍‌ମାନେ ସମ୍ପାଦନ କରି ପାରିବେ ନାହିଁ ବରଂ ଅଧିକ ଉତ୍ସର୍ଗୀକୃତ ଜୀବନମାନଙ୍କର ଆବଶ୍ୟକତା ରହିଛି ।"**(ଖୁତ୍‌ବା**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 30 April 2026 Issue No. 18

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## ପୃ-11 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

**ଜୁମା, ପ୍ରଦତ୍ତ 2013 ମସିହ, ଜାନୁୟାରୀ ମାସ 18 ତାରିଖ)**

ଅତଏବ୍ ଭାରତର ଯୁବକମାନଙ୍କୁ ବିଶେଷ କରି ୱାକ୍‌ଫିନେ ନୌ ଛାତ୍ରମାନଙ୍କୁ ୱକ୍‌ଫେ ଜିନ୍ଦିଗୀର ପବିତ୍ର ଏବଂ ଜୀବନ ପ୍ରଦାନକାରୀ ଭୂମିକୁ ଲମ୍ଫ ପ୍ରଦାନ କରିବାର ଆବଶ୍ୟକତା ରହିଛି । ତେଣୁ ଏଥି ନିମନ୍ତେ ଯେଉଁଠି ଦୃଢ ସଂକଳ୍ପ ଏବଂ ପୂର୍ଣ୍ଣ ଆଧ୍ୟାତ୍ମିକ ଉତ୍ସାହର ଆବଶ୍ୟକତା ରହିଛି ସେଠାରେ ଦୁଆର ସହିତ ମଧ୍ୟ ସାହାଯ୍ୟ ନେବାର ଆବଶ୍ୟକତା ରହିଛି । କାରଣ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏହା ହିଁ କହିଛନ୍ତି ଯେ, ବର୍ତ୍ତମାନ ଏହି ଯୁବକମାନେ ଏବଂ ଉତ୍ସର୍ଗୀକୃତ ଜୀବନ ଓ ଛାତ୍ରମାନେ ଇସ୍‌ଲାମ୍ ଧର୍ମର ଆଲୋକିତ ଆଧ୍ୟାତ୍ମିକ ପ୍ରାମାଣ୍ୟ ଏବଂ ଦୁଆର ମାଧ୍ୟମ ହେବେ । ଅଲ୍ଲାଃତାଲା ଏଥି ନିମନ୍ତେ ଆମ ସମସ୍ତଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । କାରଣ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଏହି ସୁନ୍ଦର ଜମାଅତରେ ସାମିଲ୍ ହୋଇ ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ପବିତ୍ର ସ୍ୱରରେ ଲବ୍‌ବୈକ୍ (ଉପସ୍ଥିତ ଅଛି) କହିବାର ସୌଭାଗ୍ୟ ଅର୍ଜନ କରିବୁ । **ଆମିନ୍ ।** ☆☆☆

## ବିଗତ ସଂଖ୍ୟା 16-17, ପୃ-12 ରେ ବର୍ଣ୍ଣିତ ସିରତୁନ୍ ନବୀୟିନ୍‌ର ଅବଶିଷ୍ଟାଂଶ.....

ଆଉ ଏକ ଧର୍ମ ଥିଲା ଯାହା ହ. ଇବ୍ରାହିମ୍ ଅ.ସଙ୍କ ଆଡ଼କୁ ଇଙ୍ଗିତ ହେଉଥିଲା ଏବଂ ଏକେଶ୍ୱରବାଦର ଦାବି କରୁଥିଲା । ସେହି ଧର୍ମର ନାମ କେତେକ ଲୋକମାନେ ହନିଫି ଧର୍ମ ବୋଲି ନାମକରଣ କରିଥିଲେ । ଆଁହଜରତ୍ ସ.ଅଙ୍କ ପ୍ରାରମ୍ଭିକ କାଳରେ ଏବଂ ଏହାର କିଛି କାଳ ପୂର୍ବରୁ କେତେକ ଲୋକମାନେ ଅତ୍ୟଧିକ ପିତୁଳା ଉପାସନାରୁ ଘୃଣ୍ୟ ଭାବ ପ୍ରକାଶ କରି  ଅବତାରତ୍ୱ ସୂର୍ଯ୍ୟର ଉଦିତ କିରଣର ଅଗ୍ରୀମ ସ୍ୱରୂପ ଆଲୋକ ପ୍ରାପ୍ତ କରି ସେହି ଧର୍ମ ଆଡ଼କୁ ଆକୃଷ୍ଟ ହୋଇଥିଲେ । କିନ୍ତୁ ସେମାନଙ୍କର ସଂଖ୍ୟା ସମସ୍ତ ଆରବ୍ୟମନଙ୍କ ମଧ୍ୟରେ ଅଧିକ ନଥିଲା, ବରଂ ସ୍ୱଳ୍ପ ଥିଲା । ଏହି ଲୋକମାନେ ସମସ୍ତେ ପ୍ରାୟ ମକ୍କା ଏବଂ ତା'ର ଆଖପାଖରେ ବାସ କରୁଥିବା ଅଧିବାସୀ ଥିଲେ । ହ. ଉମର୍ ର.ଅଙ୍କ ଚଚାଙ୍କ ପୁତ୍ର ଭାଇ ଜୈଦ୍ ବିନ୍ ଅମ୍ର ଯାହାଙ୍କ ସହିତ ଆଁହଜରତ୍ ସ.ଅଙ୍କର ମଧ୍ୟ ସଂପର୍କ ଥିଲା, ସେ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲେ ।

କିନ୍ତୁ ଆଁହଜରତ୍ ସ.ଅଙ୍କ ଅବତୀର୍ଣ୍ଣ ହେବା ପୂର୍ବରୁ ତାଙ୍କର ବିୟୋଗ ହୋଇଗଲା। ସଇଦ୍ ବିନ୍ ଜୈଦ୍ ର.ଅ ଯେକି ଜଣେ ବିଖ୍ୟାତ ସାହାବି ଅଟନ୍ତି ଏବଂ ଆପଣ ଅଶ୍ରା ମୁବଶ୍ଶରାଙ୍କ ମଧ୍ୟରୁ ଅନ୍ୟତମ ସାହାବି ଅଟନ୍ତି । ସଇଦ୍ ବିନ୍ ଜୈଦ୍ ତାଙ୍କରି ସୁପୁତ୍ର ଥିଲା । ଜୈଦ୍ ର.ଅଙ୍କୁ ପିତୁଳା ପୂଜା ଠାରୁ ଏପରି ଘୃଣା ଥିଲା ଯେ, ସେ ପିତୁଳା ସମ୍ମୁଖରେ ଭୋଗ ଲାଗିଥିବା ଆହାରକୁ ମଧ୍ୟ ଖାଉ ନଥିଲେ । ସେ ଲୋକମାନଙ୍କୁ ଏହା କହୁଥିଲେ ଯେ, ଏଇ ପିତୁଳାଟି କେଉଁ ବସ୍ତୁ ଯାହାକୁ ତୁମେମାନେ ପୂଜା କରୁଛ? ତାଏଫ୍ ଠାରେ ଉମୈୟାହ୍ ବିନ୍ ଅବି ସଲତ୍ ନମାକ ଜଣେ ବିଖ୍ୟାତ କବି ଏବଂ ସମ୍ମାନସ୍ପଦ ଅଧିପତି ଥିଲା । ସେ ମଧ୍ୟ ପିତୁଳା ପୂଜାକୁ ପରିତ୍ୟାଗ କରି ହନିଫି ଧର୍ମ ଅବଲମ୍ବନ କରି ନେଇଥିଲା । ଉମୈୟାହ୍ ବଦର୍ ଯୁଦ୍ଧ ପର୍ଯ୍ୟନ୍ତ ଜୀବିତ ରହିଥିଲା । କିନ୍ତୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ତା' ଭାଗ୍ୟରେ ନଥିଲା । ଏକଦା ଆଁହଜରତ୍ ସ.ଅ ଅତ୍ୟନ୍ତ ଆଗ୍ରହର ସହିତ ଉମୈୟାହ୍ ବିନ୍ ସଲତ୍‌ର ଏକେଶ୍ୱରବାଦମୂଳକ କବିତା ଶୁଣିଲେ ଏବଂ ଅନୁତାପର ସହିତ କହିଲେ, "ଉମୈୟାହ୍ ମୁସଲମାନ୍ ହେଉ ହେଉ ରହିଗଲା ।" **(ସିରତ୍ ଖାତମୁନ୍ ନବୀୟିନ୍, ପୃ-59-63, ପ୍ରକିଶିତ ସ୍ଥାନ-କାଦିୟାନ୍, 2006 ମସିହା)**

ସେହିପରି ୱର୍କା ବିନ୍ ନୌଫଲ୍ ନାମକ ଆଉ ଜଣେ ବ୍ୟକ୍ତି ମଧ୍ୟ ଥିଲା ଯିଏ ହ. ଖଦିଜା ର.ଅଙ୍କ ଚଚାଙ୍କ ପୁଅ ଭାଇଥିଲା ଏବଂ ସେ ମକ୍କାରେ ରହୁଥିଲା । ୱର୍କା ବିନ୍ ନୌଫଲ୍ ପିତୁଳା ପୂଜା ପରିତ୍ୟାଗ କରି ପରବର୍ତ୍ତୀ ସମୟରେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରି ନେଇଥିଲା ଏବଂ ତୌରାତ୍, ଇଞ୍ଜିଲ୍ ସହିତ ଅବଗତ ଥିଲା ଏବଂ ଇଞ୍ଜିଲ୍ ଓ ତୌରାତ୍‌ର ଅଧ୍ୟନ କରୁଥିଲା । **(ଅବଶିଷ୍ଟାଂଶ..ପରବର୍ତ୍ତୀ ସଂଖ୍ୟାରେ)**

### (ବିଶେଷ ସୂଚନା)

ଏତଦ୍ଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେବ **ଇନ୍‌ଶାଅଲ୍ଲାଃ** ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

## ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଆଗ୍ରହୀ ଅହେମଦି ଛାତ୍ରମାନେ ଦୟାକରି ଧ୍ୟାନ ଦିଅନ୍ତୁ ! ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ଓ ମାଦ୍ରାସାତୁଲ୍ ହିଫଜ୍ ପାଇଁ ନାମଲେଖା ଆରମ୍ଭ ହେବାକୁ ଯାଉଛି....

ଯାମିୟା ଅହେମଦିୟା କାଦିୟାନ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏକ ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନ ଅଟେ । ଏଠାରେ ଏଯାବତ୍ ସହସ୍ରାଧିକ ବିଦ୍ୱାନ୍ ଏବଂ ମୁବଲ୍ଲିଗିନ୍‌ମାନେ ଶିକ୍ଷା ପ୍ରାପ୍ତ କରି ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାର କର୍ତ୍ତବ୍ୟ ସମ୍ପାଦନ ଓ ନିର୍ବାହ କରି ଆସୁଛନ୍ତି । ସୟେଦିନା ହୁଜୁରେ ଅନ୍‌ୱର୍ ଅ.ବ ମଧ୍ୟ ଅନେକ ଅବସରରେ ଅହେମଦି ଛାତ୍ରମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଆହରଣ କରିବା ସଂକ୍ରାନ୍ତରେ ସେବା କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଅତଏବ୍ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଆଦେଶାନୁକ୍ରମେ ଅଧିକରୁ ଅଧିକ ୱାକ୍‌ଫିନେ ନଅ ଓ ଅଣ ୱାକ୍‌ଫିନେ ନଅ ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇ ଶିକ୍ଷାର୍ଜନ କରିବା ପ୍ରସଙ୍ଗରେ ଧର୍ମ ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପିତ କରିବା ଉଚିତ୍ । ଅତଏବ୍ ସୟେଦିନା ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ସକାଶେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ତେଣୁ ଯେଉଁ ଛାତ୍ରମାନଙ୍କର ମ୍ୟାଟ୍ରିକ୍ ପରୀକ୍ଷା କିମ୍ବା +2ର ପରୀକ୍ଷା ସମାପ୍ତ ହୋଇଯାଇଛି ଏବଂ ଯେଉଁମାନେ ଯାମିୟା ଅହେମଦିୟାରେ କିମ୍ବା ସ୍ୱଳ୍ପ ଅବଧିର ବିଶିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଅଗ୍ରହୀ ଅଟନ୍ତି ସେମାନେ "**ଶୋବା ୱକ୍‌ଫେ ନଅ ଭାରତ**" (ୱକ୍‌ଫେ ନଅ ବିଭାଗ) କିମ୍ବା ନଜାରତ୍ ତାଲିମ୍ ସହିତ ଯୋଗାଯୋଗ କରନ୍ତୁ ଓ ଶୀଘ୍ରାତିଶୀଘ୍ର ଫର୍ମ (ଆବେଦନ ଫର୍ମ)ଟିକୁ ପୂରଣ କରି ୱକ୍‌ଫେ ନଅ ଭାରତ ସ୍ଥିତ କାର୍ଯ୍ୟାଳୟକୁ କିମ୍ବା ନଜାରତ୍ ତାଲିମ୍‌କୁ ତୁରନ୍ତ ପ୍ରେରଣ କରନ୍ତୁ ।

**ନାମ ଲେଖାଇବା ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ଉଦ୍ଦିଷ୍ଟ ରହିଛି:**

**(1)** ମ୍ୟାଟ୍ରିକ୍ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 17 ବର୍ଷ ହୋଇଥିବା ଉଚିତ୍ ଏବଂ +2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 19 ବର୍ଷ ହୋଇଥିବା ଆବଶ୍ୟକ । ଯେଉଁ ଛାତ୍ରମାନେ ପବିତ୍ର କୁରଆନ୍ କରୀମ୍ ମୁଖସ୍ତ କରିଛନ୍ତି ସେମାନଙ୍କର ବୟସ ସୀମା ଯଦି ଉପରୋକ୍ତରେ ବର୍ଣ୍ଣିତ ବୟସ ସୀମା ଠାରୁ ଅଧିକ ହୁଏ ତେବେ ସେ କ୍ଷେତ୍ରରେ ସେମାନଙ୍କ ପାଇଁ ବୟସ କୋହଳ କରିଦିଆଯିବ । **(2)** ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଜାତୀୟ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ ଛାତ୍ରମାନଙ୍କର ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର) ଏବଂ ଲିଖିତ ପରୀକ୍ଷା ଆୟୋଜନ କରିବ ଓ ଯାମିୟା ଅହମଦିୟା ନିମନ୍ତେ ସେହି ଛାତ୍ରମାନଙ୍କୁ Select (ଚୟନ) କରିବ ଯେଉଁମାନେ ଉପରୋକ୍ତ ସର୍ତ୍ତକୁ ପୂରଣ କରୁଥିବେ । ଲିଖିତ ପରୀକ୍ଷାରେ ପବିତ୍ର କୁରଆନ୍ କରୀମ୍, ଇସ୍‌ଲାମ୍, ଅହମଦିୟତ୍, ଦିନି ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନରୁ ପ୍ରଶ୍ନ ପଡ଼ିବ । **(3)** ଲିଖିତ ପରୀକ୍ଷାରେ ଏବଂ ସାକ୍ଷାତ୍‌କାରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୁର୍ ହସ୍ପିଟାଲ୍ କାଦିୟାନ୍‌ରେ ମେଡ଼ିକାଲ୍ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, ସାକ୍ଷାତ୍‌କାର ଏବଂ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଯାମିୟା ଅହମଦିୟା କାଦିୟାନ୍‌ରେ ମେଡ଼ିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ହିଁ ନାମ ଲେଖାଯିବ । **(4)** ବିବାହିତ ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ପାଇଁ ସମୟ ସୀମା ଅଢେଇ ବର୍ଷ ବୋଲି ଧାର୍ଯ୍ୟ ହୋଇଛି । ଯହିଁରେ ଦୁଇ ବର୍ଷ ଅର୍ଥାତ୍ 24 ମାସ ପାଠପଢା ସହିତ 6 ମାସ ଟ୍ରେନିଂ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଅପରପକ୍ଷେ ମ୍ୟାଟ୍ରିକ/+2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ନିମନ୍ତେ ସ୍ୱଳ୍ପ ଅବଧି ବିଶିଷ୍ଟ ମୁଅଲ୍ଲିମ୍ କୋର୍ସ ପାଇଁ ସାଢେ 3 ବର୍ଷ ଧାର୍ଯ୍ୟ ହୋଇଛି । ଯହିଁରେ 3 ବର୍ଷ ପାଠ ପଢା ସହିତ 6 ମାସ ଟ୍ରେନିଂ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । **(5)** ଅବେଦନ ଫର୍ମ Mail ମାଧ୍ୟମରେ ପ୍ରାପ୍ତ କରିବା ନିମନ୍ତେ ନିମ୍ନରେ ଠିକଣା ପ୍ରଦାନ କରାଗଲା ।

waqfenau@qadian.in

WAQF-E-NAU DEPARTMENT (NAZARAT TALEEM) Darul Balagh, CIVIL LINE , QADIAN, DISTRICT: GURDASPUR, PUNJAB (INDIA) PIN: 143516, CONTACT: 01872-500975, 9988891775

(ସଦର୍ ନ୍ୟାସନଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ)☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan